ସକାଳ THE SAKALA



### ଜେଲରେ କଏଦୀଙ୍କ ଆତ୍ମହତ୍ୟା ଘଟଣା

# କ୍ଷତିପୂରଣ ଦାବିରେ ଜିଦ୍‌ରେ ଅଟଳ ପରିବାର



**ବାରିପଦା, ୨।୧(ସମିସ)**

ବାରିପଦା ଜେଲରେ ବିଚାରଧୀନ କଏଦୀଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ବିବାଦ ଥମିବାର ନାମ ନେଉନାହିଁ। ରିପୋର୍ଟ ଲେଖିବା ବେଳକୁ ମୃତ୍ୟୁର ୪୬ ଘଣ୍ଟା ବିତି ଯାଇଥିଲେ ମଧ୍ୟ ପରିବାର ଲୋକ କ୍ଷତିପୂରଣ ଦାବିକରି ଜିଦ୍‌ରେ ଅଟଳ ରହିଛନ୍ତି। ସୋମବାର ରାସ୍ତାରୋକ ପରେ ପ୍ରଶାସନ ରେଡ୍‌କ୍ରସ ପକ୍ଷରୁ ୧୦ହଜାର ଟଙ୍କା ଓ ମୃତଦେହ ଗାଁକୁ ନେଇ ସଂସ୍କାର ବାବଦକୁ ଖର୍ଚ୍ଚ ଦେବାକୁ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ମୃତଦେହକୁ ନେଇ ପୁଣି ମଙ୍ଗଳବାର ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଛି। ୫ଲକ୍ଷ ଟଙ୍କା କ୍ଷତିପୂରଣ ଦାବିକରି ମୃତଦେହ ନେବାକୁ ପରିବାର ଲୋକେ ଅମଙ୍ଗ; ଯାହାକୁ କେନ୍ଦ୍ର କରି ପିଆରଏମ ହସ୍ପିଟାଲ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ହସ୍ତକ୍ଷେପ ପରେ ୫୦ହଜାର ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ ମଧ୍ୟ ପରିବାର ବର୍ଗ ଜିଦରେ ଅଟଳ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୩୧ତାରିଖ ରାତିରେ ବାରିପଦା ସ୍ଥିତ ମଣ୍ଡଳ କାରାଗାରରେ ବିଚାରାଧୀନ

### ମୃତଦେହ ନେବାକୁ ଅମଙ୍ଗ

କଏଦୀ ରବି ସିଂ ଆତ୍ମହତ୍ୟା କରିଥିଲେ। ବାରିପଦା ସଦର ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମର ରବିଙ୍କୁ ବେଆଇନ ମଦ କାରବାର ମାମଲାରେ ପୁଲିସ ଗିରଫ କରିଥିଲା। ତେବେ ରାତି ସମୟରେ ରବି ମଣ୍ଡଳ କାରାଗାର ଏକ ଥିବା ଲୁହା ରେଲିଂ କବାଟରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଡାକ୍ତର ତାଙ୍କୁ ତାଙ୍କର ମୃତ ଘୋଷଣା କରିଥିଲେ।

## ପର୍ବତ ଗୁମ୍ଫାରୁ ଅଜଣା ବାବାଙ୍କ ମୃତଦେହ ଉଦ୍ଧାର

**କୁଆଁମରା, ୨।୧(ସମିସ):** ଖୁଣ୍ଟା ବ୍ଲକ ଶିମିଳିପାଳ ସଂଲଗ୍ନ ଟୁଙ୍କି ଜଳପ୍ରପାତ ମଧ୍ୟରେ ଥିବା ପର୍ବତ ଗୁମ୍ଫାରୁ ମଙ୍ଗଳବାର ଜଣେ ଅଜଣା ବାବାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ବାବାଙ୍କ ବୟସ ୬୫ରୁ ୭୦ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଟୁଙ୍କି ଜଳପ୍ରପାତକୁ ଯିବା ରାସ୍ତାରେ ପର୍ବତର ଅନେକ ଗୁମ୍ଫା ରହିଛି। ତେବେ ସେହି ଗୁମ୍ଫା ମଧ୍ୟରେ ଅଧିକାଂଶ ସମୟରେ ଜଣେ ବାବା କୁଆଡ଼େ ରହୁଥିବା ଲୋକେ କହୁଛନ୍ତି। ପର୍ଯ୍ୟଟକମାନେ ଜଳପ୍ରପାତକୁ ଯା'ଆସ ସମୟରେ ବାବାଙ୍କଠାରୁ ସିନ୍ଦୂର ଆଣିବା ସହିତ ଆଶୀର୍ବାଦ ନେଇଥାନ୍ତି। ତେବେ ଗୁମ୍ଫା ମଧ୍ୟରେ ବାବା ମୃତ ଅବସ୍ଥାରେ ପଡ଼ିଥିବା ଆଜି ପୁଲିସ ଖବର ପାଇବା ପରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ପ୍ରବଳ ଥଣ୍ଡା କିମ୍ବା ପାହାଡ଼ରେ ଥିବା ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି ସୁଜାତା ଖମାରୀ କହିଛନ୍ତି।

## ସାଗରସାହିରେ ଜଳିଲା ବିଜୁଳି; ଖୁସି ମନାଇଲେ ଗ୍ରାମବାସୀ



**ସକାଳ ପ୍ରଭାବ**

**କପ୍ତିପଦା, ୨।୧(ସମିସ):** ଶାଳଚୁଆ ପଞ୍ଚାୟତ ସାଗର ସାହିରେ ଦୀର୍ଘଦିନ ପରେ ଜଳିଲା ବିଜୁଳି। ନାଚ, ଗୀତରେ ସବଷ୍ଟେସନକୁ ଉଦଘାଟନ କଲେ ଗାଁ ମୁଖିଆ। ସରକାରଙ୍କ ଜନାଭିମୁଖି ବିଜୁଜ୍ୟୋତି, କୁଟିରଜ୍ୟୋତି, ବିପିଏଲ ଭଳି ଅନେକ ଯୋଜନାରେ ଉପାନ୍ତ ଅଞ୍ଚଳରେ ମଧ୍ୟ ବିଜୁଳି ସେବା ପହଞ୍ଚିଛି; ମାତ୍ର କପ୍ତିପଦା ବ୍ଲକ ଶାଳଚୁଆ ପଞ୍ଚାୟତ ସାଗରସାହି ଗାଁରେ ପହଞ୍ଚିପାରି ନ ଥିଲା। ପଞ୍ଚାୟତରୁ ମାତ୍ର କେଇ କିମି ଦୂରରେ ଥିବା ଏହି ଆଦିବାସୀ ଗାଁରେ ପହଞ୍ଚି ନ ଥିଲା ବିଜୁଳି। ସରକାରଙ୍କ ଯୋଜନାରେ ଖୁଣ୍ଟ ପକାଯାଇ ତାରଟଣା ହୋଇ ଘରେ ଘରେ ସଂଯୋଗ ହୋଇଥିଲା ମିଟରବକ୍ସ; ମାତ୍ର ଟ୍ରାନ୍ସଫର୍ମର ଲାଗି ନ ଥିବାରୁ ବିଜୁଳି ସ୍ୱପ୍ନ ହୋଇଥିଲା। ଦୀର୍ଘ ୩ବର୍ଷ ଧରି ଗାଁଲୋକେ ବିଜୁଳି ଆଲୁଅରୁ ବଞ୍ଚିତ ହୋଇ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏମିତିକି ପିଲାମାନେ ଉଚ୍ଚ ଶିକ୍ଷାରୁ ମଧ୍ୟ ବଞ୍ଚିତ ହେଉଥିଲେ। ଗ୍ରାମବାସୀ ଯେତେ ପ୍ରକାର ଚେଷ୍ଟା କରୁଥିଲେ ବିଜୁଳି ସଂଯୋଗ ମିଳୁନଥିଲା। ଏ ନେଇ ଦୈନିକ 'ସକାଳ'ରେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଶୀର୍ଷକ ଏକ ଖବର ପ୍ରସାରଣ ହୋଇଥିଲା। ଖବର ପ୍ରସାରଣ ପରେ ଜିଲ୍ଲାପାଳ ଭିନିତ ଭରଦ୍ୱାଜ ତୁରନ୍ତ ପଦକ୍ଷେପ ନେଇ ଅଳ୍ପ ଦିନ ମଧ୍ୟରେ ଟ୍ରାନ୍ସଫର୍ମର ଲଗାଇ ବିଜୁଳି ଯୋଗାଇ ଦେଇଛନ୍ତି। ଆଜକୁ ୨ଦିନ ତଳେ ଲାଇନ ସଂଯୋଗ କରାଯାଇଥିବାରୁ ଗ୍ରାମର ପୁରୁଷ, ମହିଳା ନାଚଗୀତରେ ଏକ ପ୍ରକାର ଉତ୍ସବ ମନାଇଥିଲେ। ଗାଁର ମୁଖିଆ ଏହି ଟ୍ରାନ୍ସଫର୍ମରକୁ ଉଦଘାଟନ କରିବା ସହିତ ଜିଲ୍ଲାପାଳ ଓ 'ସକାଳ'କୁ ସାଧୁବାଦ ଜଣାଇଛନ୍ତି।

### ସାପ କାମୁଡ଼ାରେ ମହିଳା ମୃତ

**କଳାବାଡିଆ, ୨।୧(ସମିସ):** ବାଙ୍ଗିରିପୋଷି ତହସିଲ କୁମ୍ଭାର ମୁଣ୍ଡାକଟା ପଞ୍ଚାୟତ କୋହ୍ଲ ସାହିର ମୋଟୁ ସିଂଙ୍କ ପତ୍ନୀ ପୁନେଇଁ ସିଂ (୪୫) ଗତକାଲି ଧାନ କାଟୁଥିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକ ସଂଗେ ସଂଗେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ନେଇଥିଲେ; ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ମୃତ୍ୟୁ ଘଟିଛି। ସେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ତହସିଲଦାର ସୀତାଂଶୁ ଶେଖର ଦାସ କହିଛନ୍ତି।

### ବିଦ୍ୟାଳୟରେ ତାଲା ପକାଇଲେ ସ୍ୱୟଂସହାୟକ ଗୋଷ୍ଠୀ

**କୁଳିଅଣା, ୨।୧(ସମିସ):** ଦୁଧିଆଶୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ତାଲା ପକାଇ ଦେଇଥିବାରୁ ଶିକ୍ଷାଦାନ ବ୍ୟାଘାତ ହୋଇଛି। ଘଟଣାରୁ ପ୍ରକାଶ ଯେ ୫-ଟି ଦ୍ୱାରା ବିଦ୍ୟାଳୟ ରୂପାନ୍ତରଣ ପରେ ରକ୍ଷଣାବେକ୍ଷଣ ପାଇଁ ରାତି ଜଗୁଆଳି ଓ ସୁଇପର ନିଯୁକ୍ତି ନିମନ୍ତେ ନିୟମ ଅନୁସାରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ନିଯୁକ୍ତି ଦିଆଯାଇଥିଲା। ଗ୍ରାମରେ ଥିବା ଅନ୍ୟ



ସ୍ୱୟଂ ସହାୟକ ଗୋଷ୍ଠୀ ନିଯୁକ୍ତିକୁ ବେନିୟମ ଦର୍ଶାଇ ପୂର୍ବ ସୂଚନା ମୁତାବକ ସ୍କୁଲରେ ତାଲା ପକାଇ ଦେଇଥିଲେ। ଖବର ପାଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହିତ ଆଉ ଥରେ ସମସ୍ତଙ୍କ ଉପସ୍ଥିତିରେ ଚୟନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ସ୍କୁଲ ଗେଟ୍‌ରେ ତାଲା; ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ

**ରାସଗୋବିନ୍ଦପୁର/କମାରଡିହା, ୨।୧(ସମିସ):** ରାସଗୋବିନ୍ଦପୁର୍ ବ୍ଲକ କମାରଡିହା ପଞ୍ଚାୟତର ଖୁଣ୍ଟା ଏମ.ଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ବିରୋଧରେ ଏସ.ଏମ.ସି ସଭ୍ୟମାନେ ବିଇଓ ଓ ଡିଇଓଙ୍କ ନିକଟରେ ପୂର୍ବରୁ ବାରମ୍ବାର ଅଭିଯୋଗ କରିଆସୁଥିଲେ। ବିଇଓଙ୍କ ନିର୍ଦ୍ଦେଶକ୍ରମେ ୩ ଥର ଅଲଗା ଅଲଗା କମିଟି ସ୍କୁଲକୁ ଆସି ତଦନ୍ତ ଶେଷ କରିଥିଲେ। ତଦନ୍ତ ସମୟରେ କମିଟି ଶ୍ରୀମତୀ ସାହୁଙ୍କ ବିରୋଧରେ ଏମ.ଡି.ଏମ ମିଲ, ଏସ.ଏମ.ସି ମେମ୍ବରମାନଙ୍କ ଜାଲ ଦସ୍ତଖତ କରିବା, ବିଦ୍ୟାଳୟର ରେଜୁଲେସନ ଖାତାକୁ ବଦଳାଇଦେବା ଆଦି ଘଟଣାର ଯଥେଷ୍ଟ ପ୍ରମାଣ ପାଇଥିଲେ। ସେହି ପ୍ରମାଣକୁ ଆଧାର କରି ବି.ଇ.ଓ ଗତ ଡିସେମ୍ବର ୧୯ ତାରିଖରେ ଶ୍ରୀମତୀ ସାହୁଙ୍କ ବିରୋଧରେ ନିଲମ୍ବନ ଆଦେଶ ପ୍ରଦାନ କଲେ। କିନ୍ତୁ ବିଡମ୍ବନାର ବିଷୟ ଯେ ବି.ଇ.ଓ ଙ୍କ ନିଷ୍ପତ୍ତିର ୨୪ ଘଣ୍ଟା ନ ପୂରୁଣୁ ଜିଲ୍ଲା ଶିକ୍ଷାଧିକାରୀ ଏହି ନିଷ୍ପତ୍ତି ଉପରେ ରୋକଲଗାଇ ତାଙ୍କୁ ପୁଣି ସେଠାରେ ନିଯୁକ୍ତି ପ୍ରଦାନ କଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ଏସ.ଏମ.ସି ମେମ୍ବର ଏବଂ ଅଭିଭାବକମାନେ ଆଜି ବିଦ୍ୟାଳୟ ଫାଟକରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇପାରିନାହିଁ।




### ରାଜ୍ୟସ୍ତରୀୟ 'ଧମାକା ମହୋତ୍ସବ'ର ଦ୍ୱିତୀୟ ସନ୍ଧ୍ୟା

## ଭାଇଚାରା ସୃଷ୍ଟିକରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବେତନଟୀ, ୨।୧(ସମିସ):** ୟଙ୍ଗମ୍ୟାନ ଆସୋସିଏସନ ପକ୍ଷରୁ ଆୟୋଜିତ ୩୦ତମ ରାଜ୍ୟସ୍ତରୀୟ ଧମାକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ତଥା ସ୍କୁଲ ଓ ଗଣଶିକ୍ଷାବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟଅତିଥିରୂପେ ଯୋଗଦେଇଥିଲେ।ସଭାପତି ରାଜେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ମନ୍ତ୍ରୀ ଶ୍ରୀ ମାର୍ଣ୍ଡିଙ୍କ ସମେତ ସମ୍ମାନିତ ଅତିଥି ଭାବେ ୩୫ନଂ ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ଆସୋସିଏସନର ଚେୟାରପର୍ସନ ପ୍ରଦୀପ କୁମାର ସାମଲ, ଭାଇସ ଚେୟାରପର୍ସନ ପ୍ରମୋଦ କୁମାର ପାଢ଼ୀ, କାର୍ଯ୍ୟକାରୀ ଉପସଭାପତି ଇଂ. ସୁଶାନ୍ତ ବଳ ଏବଂ ସାଧାରଣ ସମ୍ପାଦକ ଜନମନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡୋଶୀ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ଆଦି ରାଜ୍ୟରୁ ବହୁ କଳାକାର ଯୋଗଦେଇଥିଲେ। ତେବେ ବେତନଟୀ ଭଳି ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଲୁକ୍କାୟିତ ପ୍ରତିଭାର ବିକାଶ ସାଙ୍ଗକୁ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ ବୋଲି ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଥିଲେ। ଏଭଳି ଏକ ରାଜ୍ୟସ୍ତରୀୟ ମହୋତ୍ସବକୁ ୩୦ବର୍ଷ ଧରି କ୍ରମାଗତ ଭାବରେ ସଫଳତାର ସହିତ ଆୟୋଜନ କରିଆସୁଥିବାରୁ ଆୟୋଜକ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟମାନଙ୍କ ନିଷ୍ଠାପର ଉଦ୍ୟମ ଏବଂ ଦାୟିତ୍ୱବୋଧ ବାସ୍ତବିକ ପ୍ରଶଂସନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ନାଚଗୀତର ପ୍ରତିଯୋଗିତାକୁ ଶୀତୁଆ ରାତିରେ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୨ ୟୁନିଟ ସଂଗୃହୀତ ହୋଇଥିଲା।



## ନୂଆ ଓଡ଼ିଶା, ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**କଳାବାଡିଆ, ୨।୧( ସମିସ):** ବାଙ୍ଗିରିପୋଷି ବ୍ଲକ କଳାବାଡିଆ ହରପ୍ରଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ସୁମନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ହେମ୍ବ୍ରମ, ତହସିଲଦାର ସୀତାଂଶୁ ଶେଖର ଦାସ, ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଜିଲ୍ଲା ପରିଷଦ ରାମଚନ୍ଦ୍ର ମୁର୍ମୁ, କଳାବାଡିଆ ସରପଞ୍ଚ ମିତା ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବୋଧ ମାରାଣ୍ଡି ଯୋଗଦେଇ ଆଜିର ଯୁଗରେ ସମୟ ସହିତ ତାଳଦେଇ ଚାଲିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମାରାଣ୍ଡି ଛାତ୍ରଛାତ୍ରୀଙ୍କୁ ଦେଶ ପାଇଁ ଉତ୍ସର୍ଗୀତ ହୋଇ କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଜେନା ଓ ମଞ୍ଜୁଳା ଜେନା ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ସରୋଜ କୁମାର ମହାପାତ୍ର, ସାଂସ୍କୃତିକ ଅନୁପ କୁମାର ପ୍ରଧାନ, ସାମାଜିକ ଅଧିକାରୀ ହରେକୃଷ୍ଣ ସାମଲ ପ୍ରମୁଖ ସହଯୋଗ କରିଥିଲେ।



### ଐତିହାସିକ ସରସ୍ୱତୀ ମେଳା ପାଇଁ ସ୍ଥାନ ପ୍ରତିବନ୍ଧକ

# ଦ୍ୱନ୍ଦ୍ୱରେ କମିଟି; ଆଶଙ୍କାରେ ସହରବାସୀ

**ଉଦଳା, ୨।୧(ସମିସ)**

ଉଦଳା ସହରରେ ଥିବା ଓଡ଼ିଶାରେ ଏକମାତ୍ର ସରସ୍ୱତୀ ଦେବୀଙ୍କ ମନ୍ଦିର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀଭାବେ ପରିଚିତ। ଏଠାରେ ସରସ୍ୱତୀଙ୍କୁ ଏକ ମନ୍ଦିର ରହିଛି। ବହୁ ପୁରାତନ କାଳରୁ ଏହି ସରସ୍ୱତୀ ପୂଜା ହୋଇ ଆସୁଥିବା ବେଳେ ଏହାର କିମ୍ବଦନ୍ତୀ ମଧ୍ୟ ବେଶ ବଳିଷ୍ଠ। ପଞ୍ଚମୀ ତିଥିରେ ପାଳନ ହୋଇଆସୁଥିବା ମା' ସରସ୍ୱତୀଙ୍କ ପୂଜା ଉଦଳା ଅଞ୍ଚଳର ଏକ ପର୍ବ ବା ମହୋତ୍ସବ ସଦୃଶ। ତଥ୍ୟ ଅନୁସାରେ, ଏହି ପୂଜା ୧୨୦ ବର୍ଷ ଧରି ହୋଇଆସୁଥିବା ଜଣାଯାଏ। ଉଦଳା ସହରର ମଧ୍ୟସ୍ଥଳରେ ଥିବା ଏହି ମନ୍ଦିର ବାଣୀପୀଠ ନାମରେ ପରିଚିତ। ତେବେ ମା'ଙ୍କ ପୂଜା ପ୍ରଥମେ ଉଦ୍ଦାଳକ ଋଷି ଆରମ୍ଭ କରିଥିବା ଜଣାଯାଏ। ଉଦଳାର ପ୍ରତିଷ୍ଠାତା ଋଷି ଉଦ୍ଦାଳକ ପ୍ରଥମେ ମା'ଙ୍କ ପୂଜା କରି ନିଜର କର୍ମ, ଧ୍ୟାନ, ଜପ ଆଦି ଆରମ୍ଭ କରୁଥିଲେ ବୋଲି ଆଲୋଚନା ହେଉଥିଲେ ହେଁ କିଛି ବି ତଥ୍ୟ ଏପର୍ଯ୍ୟନ୍ତ ତଥ୍ୟଯାଗ୍ୟ ହୋଇପାରିନାହିଁ। ତେଣୁ ସେହି ସମୟରୁ ହିଁ ଏହି ପୂଜା ଆରମ୍ଭ ହୋଇଥିବା ଶୁଣାଯାଏ। ପୌରାଣିକ ମତବାଦ ଅନୁଯାୟୀ ପାଣ୍ଡବଙ୍କ ଅଜ୍ଞାତବାସ ସମୟରେ ବିରାଟ ରାଜ୍ୟରେ ଲୁଚିଥିବା ଅର୍ଜୁନ ବୃହନଳା ବେଶରେ ଉତ୍ତରାଙ୍କୁ ନୃତ୍ୟ ଏହି ସ୍ଥାନରେ ଶିକ୍ଷା ଦେଇଥିବା କିମ୍ବଦନ୍ତୀରୁ ଜଣାଯାଏ। ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ନୃତ୍ୟ ଶିକ୍ଷା ଦେଉଥିବା ପୌରାଣିକ ମତବାଦରୁ ଜଣାଯାଏ। ପରବର୍ତ୍ତୀ ସମୟରେ ରାଜା ରାଜୁଡାମାନେ ମା'ଙ୍କ ପୂଜା କରିଆସୁଥିବା ବେଳେ ରାଜା ଶାସନ ପତନ ପରେ ଏହି ପୂଜାକୁ ସ୍ଥାନୀୟ କମିଟି ମାଧ୍ୟମରେ ପାଳନ କରାଯାଇ ଆସୁଛି। ବିଶେଷ କରି ବସନ୍ତ ପଞ୍ଚମୀ ତିଥିରେ ମା' ବୀଣାପାଣିଙ୍କ ପୂଜା ବେଶ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥାଏ। ଓଡ଼ିଶାରେ ଖ୍ୟାତି ଅର୍ଜନ କରିଥିବା ଏହି ସରସ୍ୱତୀ ମନ୍ଦିର ମା'ଙ୍କର ରାଜରାଜେଶ୍ୱରୀ ବେଶ ଶ୍ରଦ୍ଧାଳୁଙ୍କ ପାଇଁ ବେଶ ଗୁରୁତ୍ୱ ରଖିଥାଏ। ଉଦଳା ତଥା ଉପଖଣ୍ଡଠାରୁ ଜିଲ୍ଲା ଏପରିକି ଓତର ଓଡ଼ିଶାର ଏକ ସ୍ୱତନ୍ତ୍ର ପର୍ବ ବା ମେଳା ଭାବେ ପରିଗଣିତ ହୋଇଆସୁଛି। ତେବେ ଚଳିତବର୍ଷ ସ୍ଥାନ କଟକଣା ଆଳରେ ସରସ୍ୱତୀ ମେଳା ଅନିଶ୍ଚିତତା ମଧ୍ୟରେ ରହିବା ସାଧାରଣରେ ଗ୍ରହଣୀୟ ହୋଇପାରୁନି। ଦୀର୍ଘ ବର୍ଷ ଧରି ଏହି ମେଳା ଉଦଳା ତଥା ଉତ୍ତର ଓଡ଼ିଶାର ସର୍ବପୁରାତନ ଐତିହ୍ୟ ସମ୍ପନ୍ନ ପାରମ୍ପରିକ ମେଳା ଭାବେ ପରିଚିତ। କିନ୍ତୁ ଚଳିତ ବର୍ଷ ମଧ୍ୟ ଅନିଶ୍ଚିତତା ଦେଖାଦେଲାଣି। ଚଳିତ ବର୍ଷ ଫେବୃଆରୀ ୧୪ରେ ପୂଜା ପଡୁଥିଲେ ହେଁ ସରସ୍ୱତୀ ମେଳା ଏକ ସପ୍ତାହ ପରେ ଆରମ୍ଭ ହୋଇ ଶିବରାତ୍ରି ପୂର୍ବଦିନ ଶେଷ ହୋଇଥାଏ। ହେଲେ ଚଳିତ ବର୍ଷ ୨୫ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି ମେଳା ଉଦଳା ହାଇସ୍କୁଲ ପଡ଼ିଆରେ ମାଟ୍ରିକ ପରୀକ୍ଷା ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ହାଇସ୍କୁଲ ପଡ଼ିଆରେ ଅନୁମତି ପ୍ରଦାନ ନେଇ ପୂର୍ବରୁ ବିବାଦ କୋର୍ଟରେ ପହଞ୍ଚିଥିଲା। ତେବେ ଚଳିତ ବର୍ଷ ପରୀକ୍ଷା ଫେବୃୟାରୀ ୨୦ରୁ ଆରମ୍ଭ ହେଉଥିବାର କମିଟି ଏବେ ଦ୍ୱନ୍ଦ୍ୱରେ ରହିଛି। ଅପରପକ୍ଷରେ କମିଟି ଆୟୋଜନ ନେଇ କିଛି ବି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ଉଦଳା ଅଞ୍ଚଳବାସୀଙ୍କ ସାଂସ୍କୃତିକ ଭାବପ୍ରବଣତାକୁ ସମ୍ମାନ ଦେବାକୁ କମିଟି କିଭଳି ପଦକ୍ଷେପ ଗ୍ରହଣ କରିବ ତାହା ଦେଖିବାକୁ ବାକି ରହିଲା।





# ପିକ୍‌ନିକ୍‌ସ୍ଥଳକୁ ପ୍ଲାଷ୍ଟିକ୍ ମୁକ୍ତ ପାଇଁ ଅଭିଯାନ



**ଝରାଡିହି, ୨।୧(ସମିସ):** ବହଳଦା ବ୍ଲକ ଅନ୍ତର୍ଗତ ନେସା ଡ୍ୟାମଠାରେ ନୂତନ ବର୍ଷ ଉପଲକ୍ଷେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଜମିଥିବା ବେଳେ ବହଳଦା ବନାଞ୍ଚଳ ପକ୍ଷରୁ ବଣଭୋଜିସ୍ଥଳକୁ ପ୍ଲାଷ୍ଟିକମୁକ୍ତ ରଖିବା ନେଇ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଡ୍ୟାମ୍ ପରିସରରେ ନୂତନ ବର୍ଷ ଉପଲକ୍ଷେ ବଣଭୋଜି ପାଇଁ ବେଶ ଭିଡ ଜମୁଥିବାବେଳେ ପର୍ଯ୍ୟଟକମାନେ ବୁଲିବା ପାଇଁ ପହଞ୍ଚିଥାନ୍ତି। ଏହି ଅବସରରେ ଡ୍ୟାମ ନିକଟ ବୀରବୀର୍ସା ମେମୋରିଆଲ କ୍ଲବ ଜାନୁମଘୁଟୁ ଗ୍ରାମ ପକ୍ଷରୁ ଆଦିବାସୀ ଡ୍ରାମା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥଙ୍କ ନିର୍ଦ୍ଦେଶ ଅନୁସାରେ ବହଳଦା ବନାଞ୍ଚଳ ଅଧିକାରୀଣୀ ସୁମତୀ ପାତ୍ରଙ୍କ ଅଧ୍ୟକ୍ଷତା ଏବଂ ବନରକ୍ଷୀ ଶୁଭସ୍ମିତା ଗିରିଙ୍କ ନେତୃତ୍ୱରେ ପାରାଷ୍ଟାଫ ମୋହନ ମହାକୁଡ, ଦୀନବନ୍ଧୁ ପାତ୍ର, ସାଗ୍ରାମ ବାସ୍କେ, ବସନ୍ତ ମଣ୍ଡଳ, ବିରୁଦତ୍ତ ମହାନ୍ତ, ଆନୋ ହାଁସଦା, ଇନ୍ଦ୍ରାୟ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଲାଇବ୍ରେରିଆନ ତଥା ପରିବେଶବିତ୍ ରାମଦାସ ମୁର୍ମୁ ଏବଂ ସାମ୍ବାଦିକ ବସନ୍ତ ସାଣ୍ଡିଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ବଣଭୋଜି କରୁଥିବା ପର୍ଯ୍ୟଟକ ଓ ଦୋକାନୀଙ୍କୁ ସିଙ୍ଗଲ ୟୁଜ୍ ପଲିଥିନ୍ ବ୍ୟବହାର ନେଇ ବାରଣ କରିବା ସହିତ ଆବର୍ଜନା କୁଣ୍ଡରେ ଆବର୍ଜନା ପକାଇବାକୁ ପରାମର୍ଶ ଦେଇଥିଲେ। ବଣଭୋଜି ଦଳକୁ ଥର୍ମାକୁଲ ଥାଳି ପ୍ଲେଟ୍ ବଦଳରେ ଶାଳପତ୍ର ତିଆରି ଖଲିଦନା ପ୍ରଦାନ କରାଯାଇଥିଲା।

## ଖଟରୁ ପଡ଼ି ଶିଶୁପୁତ୍ର ମୃତ

**ରାଇରଙ୍ଗପୁର, ୨।୧(ସମିସ):** ବାଦାମପାହାଡ ଥାନା ଅନ୍ତର୍ଗତ ଧାଙ୍ଗିଡ଼ିମୁତା ଗ୍ରାମପଞ୍ଚାୟତ ଚୁଡ଼ିଙ୍ଗ ସାହିରେ ଦେଢ଼ ବର୍ଷର ଶିଶୁପୁତ୍ର ବାଜୁ ଖଟରେ ଶୋଇଥିବାବେଳେ ଖସିପଡ଼ିଥିଲା। ଏହା ପରେ ପରିବାର ଲୋକେ ଗୁରୁତର ଶିଶୁକୁ ପ୍ରଥମେ ବାଦାମପାହାଡ ଏବଂ ପରେ ରାଇରଙ୍ଗପୁର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ସୂଚନା ପରେ ବାଦାମପାହାଡ଼ ପୁଲିସ ଶବକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।






# ଦିବ୍ୟାଙ୍ଗ ପିଲାଙ୍କ ସହ ନୂଆବର୍ଷ ପାଳିଲେ ହିମାଂଶୁ



**ଖଇରା, ୨।୧(ସମିସ):** ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସୋମବାର ଦିନ ଖଇରାବ୍ଲକ ଅଧୀନ କଣ୍ଟାବଣିଆ ମାନସିକ ଅନଗ୍ରସର ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲା ମାନଙ୍କ ସହ ନୂଆବର୍ଷ ପାଳିଛନ୍ତି। ନିର୍ବାଚନ ମଣ୍ଡଳୀର ଯୁବ ଜନତା ଦଳ ସଭାପତି ନିରଞ୍ଜନ ପରିଡ଼ା, ପ୍ରଶାନ୍ତ ପାତ୍ର, ବେଣୁଧର ରାଉତ ପ୍ରମୁଖଙ୍କ ସହ ବିଦ୍ୟାଳୟକୁ ଯାଇ ଦିବ୍ୟାଙ୍ଗ ପିଲାମାନଙ୍କ ଗହଣରେ କେଟ କାଟିବା ସହ ମିଠା ଖୁଆଇଥିଲେ। ଏଥିସହ ବିଦ୍ୟାଳୟରେ ଲାଇଟ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# 'ଶିଶିର ପରଶ' ମହୋତ୍ସବ ଉଦ୍‌ଘାଟିତ



**ସୋର,୨।୧(ସମିସ):** ସୋର ବ୍ଲକ ସାଜନପୁର ପଞ୍ଚାୟତ ଗଞ୍ଜ ଛକ ନିକଟରେ ଶିଶିର ପରଶ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଶିଶିର ପରଶ କମିଟି ସଭାପତି ଅଶ୍ୱିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସୋର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାଥ ନାୟକ, ସମ୍ମାନିତ ଅତିଥିଭାବେ ଶ୍ରୀରାମ ଯୁକ୍ତ ଦୁଇ ରେସିଡେନ୍ସିଆଲ କଲେଜର ଚେୟାରମ୍ୟାନ ଇନ୍ଦ୍ରଜିତ ଦେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିଶିର ପରଶ କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ରାତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ କମିଟି ସମ୍ପାଦକ ଇନ୍ଦ୍ରଜିତ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରେ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ସାତ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ରାମ ଦୋଳି, ମୌତ କା କୁଆଁ, ଠୁଙ୍କାପୁରୀ, ବିଭିନ୍ନ ପ୍ରକାର ସାମଗ୍ରୀର ଷ୍ଟଲ ସହିତ ବିଭିନ୍ନ ପ୍ରକାର ଖାଦ୍ୟର ମଜା ଦର୍ଶକ ମାନେ ଉଠାଇବା ସହିତ ଓଲିଉଡ଼ର ନାମୀଦାମୀ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି। ବିଶେଷ ଆକର୍ଷଣ ଭାବେ ଜଗନ୍ନାଥଙ୍କ ୩୨ ବେଶ ଏହି ମହୋତ୍ସବରେ ପ୍ରଦର୍ଶିତ ହେଉଛି। ଏଥି ପାଇଁ ପୁରୀ ଜଗନ୍ନାଥ ମନ୍ଦିରରୁ କର୍ମକର୍ତା ମାନେ ଆଜ୍ଞାମାଳ ଆଣିବା ପାରେ ଆଜି ଅପରାହ୍ନରେ ଉତ୍ତରେଶ୍ୱର ସେଣ୍ଟ ଜାଭିଅର ସ୍କୁଲ ନିକଟରେ ଆଜ୍ଞାମାଳକୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ମହୋତ୍ସବ ପଡିଆରେ ପହଞ୍ଚିଥିଲା। ସେଠାରେ ଜଗନ୍ନାଥଙ୍କର ୩୨ ବେଶ ପ୍ରଦର୍ଶିତ ହୋଇଥିଲା।

■ ଯୁବକ ସଂଘ ପକ୍ଷରୁ ତୃତୀୟ ବାର୍ଷିକ କ୍ରିକେଟ ପ୍ରତିଯୋଗିତା

# ଖଇରା ଇଲେଭେନ୍ ଷ୍ଟାର ଚାମ୍ପିଅନ୍

**ବାଲେଶ୍ୱର, ୨।୧(ସମିସ):** ମା' ଘୁମୁଚେଇ ଯୁବକ ସଂଘ ଖଇରା ଆମ୍ବଗଡ଼ିଆ ପକ୍ଷରୁ ତୃତୀୟ ବର୍ଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଜି ଅନ୍ତିମ ପର୍ଯ୍ୟାୟରେ ଖଇରା ବ୍ଲାକ ଡାଇମଣ୍ଡ ବନାମ ଖଇରା ଇଲେଭେନ ଷ୍ଟାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୨୦ ଓଭର ବିଶିଷ୍ଟ ଖେଳରେ ଖଇରା ବ୍ଲାକ ଡାଇମଣ୍ଡ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖଇରା ଇଲେଭେନ ଷ୍ଟାର ୨୦ ଓଭରରେ ୨୪୯ ରନ ସଂଗ୍ରହ କରିଥିଲା। ଇଲେଭେନ ଷ୍ଟାରର ବ୍ୟାଟସମ୍ୟାନ ଅଞ୍ଜନ ସର୍ବାଧିକ ୫୫ରନ କରିଥିବା ବେଳେ ଜିତୁ ପାଇକ ରାୟ ୩୯ରନ୍ କରିଥିଲେ। ସେହିପରି ଲିପୁନ ୪୩ରନ କରିଥିବା ବେଳେ ବାପି ପାତ୍ର ୩୦ରନ ସଂଗ୍ରହ କରି ଏକ ବିଶାଳ ସ୍କୋର କରିଥିଲେ। ଜବାବରେ ବ୍ଲାକ ଡାଇମଣ୍ଡ ଖଇରା ୨୦ଓଭର ଖେଳରେ ମାତ୍ର ୧୦ଓଭର ମଧ୍ୟରେ ସମସ୍ତ ଖେଳାଳି ଆଉଟ ହୋଇଯାଇଥିଲେ। ବ୍ଲାକ ଡାଇମଣ୍ଡର ବ୍ୟାଟ୍ସମ୍ୟାନ ବୁଲୁ ସର୍ବାଧିକ ୧୪ରନ କରିଥିଲେ। ତେବେ ଦଳ ମୋଟ ୬୪ରନ କରିଥିଲେ। ଇଲେଭେନ ଷ୍ଟାର ଖଇରା ଅତି ଚତୁରତା ସହିତ ବ୍ଲାକ ଡାଇମଣ୍ଡ ଖଇରା କୁ ଅଲ ଆଉଟ କରି ବିଜେତାର ମୁକୁଟ ଅକ୍ତିଆର କରିବାରେ ସଫଳ ହୋଇଛି। ମା' ଘୁମୁଚେଇ ଯୁବକ ସଂଘ ଖଇରା ଆମ୍ବଗଡ଼ିଆ ତୃତୀୟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସାରଡାଙ୍ଗ ସରପଞ୍ଚ ପ୍ରଣତି ବାଳା ମାଝୀ ଯୋଗଦେଇ ବିଜେତା ଟିମକୁ ପୁରସ୍କୃତ କରିଥିଲେ। ବିଜେତା ଖଇରା ଇଲେଭେନ ଷ୍ଟାରକୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପରାଜିତ ବ୍ଲାକ ଡାଇମଣ୍ଡ ଖଇରାକୁ ୮ ହଜାର ଟଙ୍କା ମା' ଘୁମୁଚେଇ ଯୁବକ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ଦୁଇ ଅମ୍ପେଆର ଉମାକାନ୍ତ ମାଝୀ, ସୁଶାନ୍ତ ମାଝୀ ପୂରା ଖେଳକୁ ପରିଚାଳନା କରିଥିଲେ। ଏହି ସମସ୍ତ ଖେଳକୁ କ୍ଲବର ସଭାପତି ସୁଦାମ ବିଦ୍ୟାଧର ମାଝୀ, ସମ୍ପାଦକ ପ୍ରତାପ ମାଝୀଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରିଥିଲେ।

ବୋହୂର ଚିକିତ୍ସା ପାଇଁ ଗାଁ ଗାଁ ବୁଲି ଭିକ୍ଷା ମାଗୁଛନ୍ତି ଶ୍ୱଶୁର

# ପ୍ରଶାସନ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ

**ସୋର, ୨।୧(ସମିସ)**

ଜୀବନର ଶେଷ ଅବସ୍ଥାରେ ଅନ୍ୟର ସାହାରା ଖୋଜିବା ବଦଳରେ ବୋହୂ ଚିକିତ୍ସା ପାଇଁ ଗାଁ ଗାଁ ବୁଲି ଭିକ୍ଷା ମାଗୁଛନ୍ତି ବୃଦ୍ଧ ଶ୍ୱଶୁର। ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ଜେନା ସାହିର ପ୍ରଭାକର ଜେନାଙ୍କ ପୁଅ ଦିନ ମଜୁରିଆ ଦେବେନ୍ଦ୍ର। ଗତ କିଛିଦିନ ହେଲା ବୋହୂ ଭାରତୀ କ୍ୟାନ୍ସର ରୋଗରେ ପୀଡ଼ିତା ହୋଇ ଚିକିତ୍ସାଧୀନ ଅଛନ୍ତି। ତାଙ୍କର ଏକମାତ୍ର ଶିଶୁ କନ୍ୟାଟି ଖେଳ ବଦଳରେ ଘରର ସବୁ କାମ କରିବା ସହିତ ମା'ର ସେବାରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛି। ପରଘରେ ପାଇଟି କରି ପରିବାର ଚଳାଉଥିବା ପୁଅ ଦେବେନ୍ଦ୍ରଙ୍କ ପକ୍ଷେ ବୃଦ୍ଧ ପିତା ମାତା, ରୋଗୀଣା ସ୍ତ୍ରୀ, ଛୋଟ ଝିଅ ସମସ୍ତଙ୍କ କଥା ବୁଝିବା ସମ୍ଭବ ହୋଇପାରୁନି। ମାସକୁ ଦୁଇଥର କଟକ ମେଡିକାଲକୁ ନେଇ ଚିକିତ୍ସା ସହିତ କେମୋ ଦେବା ପାଇଁ ଧାର କରଜ କରି ନୟାନ୍ତ ହୋଇଗଲେଣି ଦେବେନ୍ଦ୍ର। ମାସକୁ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚିକିତ୍ସାରେ ଖର୍ଚ୍ଚ ହେଉଛି। ସରକାରୀ ଭାବେ ଆବାସ ଯୋଜନାରେ ଘରଟିଏ କିମ୍ବା ସ୍ତ୍ରୀଙ୍କର ଚିକିତ୍ସା ପାଇଁ କିଛି ସହାୟତା ମିଳିପାରିନାହିଁ। ଘରେ ରୋଗୀଣା ଦିବ୍ୟାଙ୍ଗ ପିତା ଏବଂ ରୋଗୀଣା ମା'ଙ୍କର ମଧ୍ୟ ମାସକୁ ଔଷଧ ଖର୍ଚ୍ଚ ଆବଶ୍ୟକତା ରହିଛି। ହତୋତ୍ସାହିତ ହୋଇପଡୁଥିବା ପୁଅର ଅବସ୍ଥା ଦେଖି ଦିବ୍ୟାଙ୍ଗ ବୃଦ୍ଧ ବାପା ପ୍ରଭାକର ଗାଁ ଗାଁ ବୁଲି ଭିକ୍ଷାମାଗୁଛନ୍ତି। ଏହାଦେଖି ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦର ସଦସ୍ୟମାନେ ନବବର୍ଷରେ ଏହି ଗରିବ ପରିବାର ନିକଟରେ ପହଞ୍ଚି କ୍ୟାନ୍ସର ରୋଗୀଙ୍କର ଚିକିତ୍ସା ପାଇଁ ୧୨ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ କରିବା ସହ ଏକ ମାସର ରେସନ ସାମଗ୍ରୀ, ପରିବା ଏବଂ ଶୀତବସ୍ତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଏହି ପରିବାରକୁ ଏକ ଆବାସ ଯୋଜନାରେ ଘରଟିଏ ଯୋଗାଇଦେବାକୁ ପ୍ରଶାସନ ଏବଂ ସହୃଦୟ ବ୍ୟକ୍ତି ସହଯୋଗ କରିବାକୁ ସଦସ୍ୟମାନେ ଅନୁରୋଧ କରିଛନ୍ତି।



# ୭ରେ ଅନୁକୂଳ ଚନ୍ଦ୍ରଙ୍କ ଶୁଭାବିର୍ଭାବ ମହୋତ୍ସବ ଏବଂ ମେଗା ସ୍ୱାସ୍ଥ୍ୟ ଶିବିର

**ଲଙ୍ଗଳେଶ୍ୱର ,୨।୧(ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ ଲଙ୍ଗଳେଶ୍ୱର ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଶୁଭାର୍ବିଭାବ ମହୋତ୍ସବ ଆସନ୍ତା ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ହେବା ସହ ସୁନାମଧନ୍ୟ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ଉତ୍ସବ କମିଟି ପକ୍ଷରୁ କାଳିଝାଟି ପଡିଆରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉତ୍ସବ କମିଟିର ସଭାପତି ଡକ୍ଟର ଅଜିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି କେଦାର ନାଥ ମହାନ୍ତି, ଲଙ୍ଗଳେଶ୍ୱର ସତସଙ୍ଗ ବିହାର ସମ୍ପାଦକ ସଞ୍ଜୟ ପାତ୍ର ଯୋଗଦେଇଥିଲେ।

# ଜାନୁଆରୀ ୮ରୁ ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖଇରା, ୨।୧(ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକର ଗଣ୍ଡିବେଡ ହାଇସ୍କୁଲ ପଡ଼ିଆରେ ଖେଳା ଯାଇଆସୁଥିବା ଲଙ୍କେଶ୍ୱର ଆନ୍ତଜିଲା କ୍ରିକେଟ ଟୁର୍ନାମେଣ୍ଟ ଚଳିତବର୍ଷ ଜାନୁଆରୀ ୮ତାରିଖରୁ ଆରମ୍ଭ ହେବାକୁ ଯାଉଛି। ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ମୟୁରଭଞ୍ଜ, ଗଞ୍ଜାମ ଓ ପୁରୀ ଜିଲାରୁ ୮ଗୋଟି ଟିମ ଏଥିରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ଅଛି। ୧୦ତାରିଖରେ ପ୍ରଥମ ଓ ୧୪ତାରିଖରେ ଦ୍ୱିତୀୟ ସେମି ଏବଂ ୧୫ତାରିଖରେ ଚିତ୍ତାକର୍ଷକ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ରବିବାର ଦିନ କାର୍ଯ୍ୟକାରୀ ସଭାପତି ଅରୋଷ ମହାକୁଡଙ୍କ ଅଧ୍ୟତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଖେଳକୁ କିଭଳି ଶାନ୍ତଶୃଙ୍ଖଳାର ସହ ଆୟୋଜନ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଭରତ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଦର୍ଶ ପ୍ରଧାନଶିକ୍ଷକ ସାଧୁଚରଣ ମାସନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ବାଲିଆପାଳ,୨।୧(ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଘଣ୍ଟୁଆ ଗ୍ରାମପଞ୍ଚାୟତ ଧରମଦୁଆର ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ସାଧୁଚରଣ ମାସନ୍ତଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଯାଇଛି। ଶିକ୍ଷକ ସ୍ୱର୍ଗତ ସାଧୁଚରଣ ମାସନ୍ତ ଆଜୀବନ ଘଣ୍ଟୁଆ ସହଯୋଗ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଅବସର ଗ୍ରହଣ କରିଥିଲେ। ମାତ୍ର ଅବସର ପରେ ମଧ୍ୟ ଦୀର୍ଘ ୨୦ ବର୍ଷ ଧରି ସେ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦାନ କରୁଥିଲେ। ତାଙ୍କ ଆବର୍ତ୍ତମାନରେ ତାଙ୍କର ଜଣେ ପୁରାତନ ଛାତ୍ର ପ୍ରଫେସର ବେଣୁଧର ନାୟକଙ୍କ ଉଦ୍ୟମରେ ତାଙ୍କ ପ୍ରତିମୂର୍ତ୍ତି ତାଙ୍କ ଗ୍ରାମ ଧରମଦୁଆର ଛକରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସ୍ୱର୍ଗତ ଶିକ୍ଷକଙ୍କ ଛାତ୍ର ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିମୂର୍ତ୍ତୀ ଅନାବରଣ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଘଣ୍ଟୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୂର୍ବତନ ଶିକ୍ଷକ ଜନାର୍ଦ୍ଦନ ଅଣ୍ଡିଆ ମୁଖ୍ୟବକ୍ତା, ଉଦୟ ନାରାୟଣ ହାଇସ୍କୁଲର ପୂର୍ବତନ ସଂସ୍କୃତ ଶିକ୍ଷକ ତଥା ପାଲା ଗାୟକ ବିଜୟ କୁମାର ପାଠୀ ଓ ଭଜହରି ପ୍ରଧାନ, ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ସ୍ୱର୍ଗତ ସାଧୁ ଚରଣ ମାସନ୍ତଙ୍କ ସ୍ମୃତି ଚାରଣ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଫେସର ବେଣୁଧର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ବରେନ୍ଦ୍ର ପ୍ରଧାନ, ନିରଞ୍ଜନ ପ୍ରଧାନ, ବିଜନ ନାୟକ, ଶ୍ରୀକାନ୍ତ ପାଳ, ମହେଶ୍ୱର ମାଣିକ, ମହେଶ୍ୱର ପାତ୍ର, ଗଙ୍ଗାଧର ରଣା, ଭୀମଚରଣ ପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ଶିକ୍ଷକ ଯୋଗେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିମୂର୍ତ୍ତୀ ଉନ୍ମୋଚନ କାର୍ଯ୍ୟକ୍ରମରେ କଂଗ୍ରେସର ଯୁବନେତା ରବିନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ଶିକ୍ଷକ ସାଧୁଚରଣ ମାସନ୍ତ ପୁତ୍ର ଇଂ ଶୁଭଶଙ୍କର ମାସନ୍ତ, ରାମ ଶଙ୍କର ମାସନ୍ତ, ଗୌରୀ ଶଙ୍କର ମାସନ୍ତ, ଭବଶଙ୍କର ମାସନ୍ତ, ଗିରିଜାଶଙ୍କର ମାସନ୍ତ, ଶିବଶଙ୍କର ମାସନ୍ତ, ତାଙ୍କର ସମସ୍ତ କନ୍ୟା, ଜାମାତା, ପୁତ୍ରବଧୂ, ନାତିନାତୁଣୀ, ଶିକ୍ଷକ ରାଜନାରାୟଣ ନାୟକ, ଧରମଦୁଆର ଗ୍ରାମର ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଗୁଣାକର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ୟାମରାଇ ସଂସ୍କୃତ କଲେଜରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



**ଖଇରା, ୨।୧(ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟର ଗତ ୪ତାରିଖରୁ ଆରମ୍ଭ ହୋଇଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଦିନ ଉଦଯାପିତ ହୋଇ ଯାଇଛି। ଉଦଯାପନୀ ସମାରୋହରେ ଅଧକ୍ଷ ଶ୍ରୀଧର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜିଲା ପରିଷଦ ସଦସ୍ୟା ସୁଷମା ମହାପାତ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା, କଲେଜ ପ୍ରତିଷ୍ଠାର ଅନ୍ୟତମ ପୁରୋଧା ନେପାଳ ଚନ୍ଦ୍ର ଦାସ, କାନ୍ତିଲତା ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଆଗକୁ ବଢ଼ିବାକୁ ମନୋବଳ ବଢ଼ାଇଛି ବୋଲି କହିଥିଲେ। ଅଧ୍ୟାପକ ଉମାକାନ୍ତ ନାୟକ ଅତିଥି ପରିଚୟ, ଆଲୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ନୋଡାଲ ଅଫିସର ନିରଞ୍ଜନ ନାୟକ ପ୍ରାରମ୍ଭିକ ସୂଚନା ଓ ଦୁଷ୍ମନ୍ତ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ କପ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଲତାଞ୍ଜଳୀ ଦାସ, ଅଧ୍ୟାପକ ରବୀନ୍ଦ୍ର ପତ୍ରୀ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ତ୍ରିପାଠୀ ଓ କର୍ମଚାରୀ ନିଳାମ୍ବର ବେହେରା ଓ ମଣିଭଦ୍ର ମହାନ୍ତି କ୍ରୀଡା ଓ ଉଦଯାପନୀ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ।

# ବର୍ଷାନ୍ତର ରାଜ୍ୟସ୍ତରୀୟ କବିତା ପାଠୋତ୍ସବ



**ବାଲେଶ୍ୱର/ସିମୁଳିଆ, ୨।୧(ସମିସ)**

ମଦର ଟେରେସା ଫିଲାନଥ୍ରୋପିକ ଆସୋସିଏସନ ପକ୍ଷରୁ ୩୮ତମ ବର୍ଷାନ୍ତ ସାରସ୍ୱତ ସମ୍ମେଳନର ପ୍ରଥମ ପର୍ବ ରାଜ୍ୟସ୍ତରୀୟ କବି ସମ୍ମିଳନୀ ମାର୍କୋଣା ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବର୍ଷାନ୍ତ ସାରସ୍ୱତ ସମ୍ମେଳନ, ବନ୍ଧୁ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସୃଜନର ଏକ ଆତ୍ମିକ ମିଳନ ସୃଷ୍ଟି କରିଛି ବର୍ଷାନ୍ତ କବି ସମ୍ମିଳନୀ ବୋଲି ବର୍ଷିୟାନ ଡକ୍ଟର ଭରତ ବେହେରା କହିଛନ୍ତି। ବିଶିଷ୍ଟ ଯୁବ ବ୍ୟବସାୟୀ ମୃତ୍ୟୁଞ୍ଜୟ ବେହେରା ଉଦଘାଟକ ଭାବେ ଯୋଗଦେଇ ଉଦଘାଟନ କରି ସିମୁଳିଆରେ ବର୍ଷାନ୍ତ ସାରସ୍ୱତ ସମ୍ମେଳନ ସୃଜନର ଏକ ନିଆରା ପରିବେଶ ସୃଷ୍ଟିକରିଛି ବୋଲି କହିଥିଲେ। ପ୍ରଫେସର କବି ଶରତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବି ସମ୍ମାଳନୀରେ ବିଶିଷ୍ଟ ଅତିଥିଭାବେ କବି ଡକ୍ଟର ଭରତ ବେହେରା ଯୋଗଦେଇ କବିତାର ଆଙ୍ଗିକ ଓ ଆତ୍ମିକ ବିଭବ ଉପରେ ଆଲୋଚନା କରି ଉପରୋକ୍ତକକକ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସମାଲୋଚକ ଅଧ୍ୟାପକ ଡକ୍ଟର ଅଭୟ କୁମାର ଦାଶ, ସମ୍ମାନିତ ଅତିଥିଭାବେ କବି ସୁରଞ୍ଜନ ପାତ୍ର ଯୋଗଦେଇ ଆଧୁନିକ ପଦ୍ୟସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କବୀ ଅଧ୍ୟାପିକା ରଶ୍ମୀରାଣୀ ଦାସ, କବି ପ୍ରଦୀପ୍ତ କୁମାର ମହାନ୍ତି ଓ କବି ହେମନ୍ତ କୁମାର ନାୟକଙ୍କ ସଂଚାଳନାରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଆରମ୍ଭ ହୋଇଥିଲା। କବିତା ପାଠୋତ୍ସବରେ କବି ସଦାନନ୍ଦ ପାଣିଗ୍ରାହୀ, ବାଳକୃଷ୍ଣ ନନ୍ଦ, ବି ଆଲିଶା, ମହାରଣା, ଗାୟତ୍ରୀ ଦାସ, ମଧୁସ୍ମିତା ନାୟକ, ବିକାଶ କୁମାର ଶତପଥୀ, ରାଜେନ୍ଦ୍ର କୁମାର ମହାପାତ୍ର, କାଞ୍ଚନ ମଲ୍ଲିକ, ସଂଧ୍ୟାରାଣୀ ପାଣିଗ୍ରାହୀ, ଅରୂପାନନ୍ଦ ନାୟକ, ସସ୍ମିତା ସାହୁ, ବନମାଳୀ ନାୟକ, ରଞ୍ଜନ କୁମାର ନାୟକ, ପ୍ରଦୀପ କୁମାର ମହାନ୍ତି, ଯାଯାବର, ମନୀନ୍ଦ୍ର ଦୀକ୍ଷିତ, ସୁନୀଲ ମିଶ୍ର, ସାଧନା ପାଣିଗ୍ରାହୀ, ଉତ୍କଳିକା ଦାଶ, ତପନ ମିତ୍ର, ହରେକୃଷ୍ଣ ପଣ୍ଡା, ଉମେଶ କୁମାର ମହାନ୍ତି, ନିରଞ୍ଜନ ଜେନା, କାମିନୀ ନାୟକ, କୀର୍ତ୍ତନ ବିହାରୀ ଦାଶ, ଭାଗିରଥି ସ୍ୱାଇଁ, ଉଗ୍ରସେନ ମାଝୀ, ସସ୍ମିତା ରାଉତ, ପ୍ରଭାକର ସାହୁ, ଲିପସା ସାହୁ, ପୂର୍ଣ୍ଣିମା ସିଂ, ସୁରଞ୍ଜନ ପାତ୍ର, ଅଭୟ କୁମାର ଦାସ, ସଂଯୁକ୍ତା ଭାରତୀ, ରଶ୍ମିତା ପଣ୍ଡା, ବିଜୟ କୁମାର ଜେନା, ପ୍ରଭୁଦତ୍ତ ମହାନ୍ତି, ଅକ୍ଷୟ କୁମାର ଜେନା, ମୁକୁନ୍ଦ ନାୟକ, ମନୋରଞ୍ଜନ ମୁଦୁଲି, ବାଇଧର ମହାକୁଡ, ଗୌତମ ପଲେଇ, ଦେବେନ୍ଦ୍ର ମହାଳିକ୍, ସୀମାରାଣୀ ମଲ୍ଲିକ୍ ପ୍ରମୁଖ ୭୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ସଂପାଦକ ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ଭରତ ଚନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା, ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସ୍ୱୟମ୍ଭୁ ଯାଜ୍ଞବଳକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗନଗର ଗୁଳିକାଣ୍ଡ; ମୃତକ ୧୬ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର, ୨।୧(ସମିସ):** ଗତ ୨୦୦୬ ମସିହା ଜାନୁଆରି ୨ତାରିଖ ଦିନ ଯାଜପୁର ଜିଲ୍ଲାର କଳିଙ୍ଗ ନଗର ଠାରେ ନିଜର ଭିଟାମାଟି ପାଇଁ ସଂଗ୍ରାମ କରୁଥିବା ବେଳେ ସେଠାରେ ଘଟିଥିବା ଗୁଳିକାଣ୍ଡରେ ୧୬ଜଣ ନିରୀହ ଆଦିବାସୀଙ୍କ ଜୀବନ ଚାଲିଯାଇଥିଲା। ଏହି ଘଟଣାକୁ ବିରୋଧ ପ୍ରତିବାଦ କରି ଓ ଏହି ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ ଆଜି ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ପୁଲିସଲାଇନ ଛକ ସ୍ଥିତ ଡ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରୁ ଆରମ୍ଭ ହୋଇ ଷ୍ଟେସନ ଛକ ସ୍ଥିତ ଡ. ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଠାରେ ପହଞ୍ଚିଥିଲା। ଶୋଭାଯାତ୍ରା ଆରମ୍ଭରୁ ପ୍ରଥମେ ଜିଲ୍ଲା ସଭାପତି ସଞ୍ଜୀବ ଗିରି ଡ଼.ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କଂଗ୍ରେସ କର୍ମୀମାନେ ମହମବତୀ ଜାଳି କଳିଙ୍ଗ ନଗର ସହିଦ ଅମରରହେ ନାରା ଦେଇ ଶୋଭାଯାତ୍ରାରେ ଷ୍ଟେସନ ଛକ ଠାରେ ପହଁଚିଥିଲେ। ଏଥିରେ ଅଣସଙ୍ଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସର ବାଲେଶ୍ୱର ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ ଡ. ଆବୁଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପରମିତା ମହାନ୍ତି, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜିଲ୍ଲା ମଜଦୂର କଂଗ୍ରେସ ସଭାପତି ସୁରେଶ ବେହେରା, ଜିଲ୍ଲା ମୁଖପାତ୍ର ସୁଧାଂଶୁ ଜେନା, କିଷାନ କଂଗ୍ରେସ ଜିଲ୍ଲା ସଭାପତି ଜୟନ୍ତ ବେହେରା, ନୀଳଗିରି ବ୍ଲକ କଂଗ୍ରେସ ସଭାପତି ମାନରଞ୍ଜନ ପଣ୍ଡା, ରେମୁଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସ, ତୁଷାର ତପସ୍ୱୀ, ନୀଳଗିରି ଟାଉନ ସଭାପତି ଉନ୍ଦ୍ରେ ବେହେରା, ନୀଳଗିରି ଯୁବ କଂଗ୍ରେସ ସଭାପତି ଜୟଦେବ ବେହେରା, ସୁରେଶ ଜେନା, ସୁଧାକର ରାଉତ, ନିରଞ୍ଜନ ଦାସ, ଆରତୀ ଜେନା, କନେଇ ବେହେରା, ସଂଯୁକ୍ତା ବେହେରା, ଜାନୁ ମୁଖୀ, ଶକୁନ୍ତଳା ବେରା, ବିଦ୍ୟାଧର ମହାନ୍ତି, ଜୀବନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ



**ବାଲେଶ୍ୱର, ୨।୧(ସମିସ):** ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୯ ୱାର୍ଡ଼ ପଡୁଆଁପଦାର ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଓ ସ୍ଥାନୀୟ କାଉନସିଲର ସଂଜୀବ କୁମାର ଦାସ ଯୋଗଦେଇ ଅଙ୍ଗନବାଡ଼ି ଶିଶୁଙ୍କ ଜରିଆରେ ନୂତନ କେନ୍ଦ୍ରକୁ ଉଦଘାଟନ କରାଇଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଏବେ ପୂରଣ ହୋଇଥିବା ବେଳେ ଶିଶୁମାନେ ଏଣିକି ଅନ୍ୟ କାହା ଘରେ ନ ବସି ନିୟମିତ ଏହି କେନ୍ଦ୍ରକୁ ଆସିବେ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଶିଖା ପୋଦାର, ପ୍ରୋଗ୍ରାମ ଅଫିସର ସୁକାନ୍ତୀ ସେଠୀ, ସିଡିପିଓ ସାଗରିକା ଦତ୍ତ, ମମତା ଯୋଜନାର ଜିଲା ସଂଯୋଜକ ବାମଦେବ ପାଣିଗ୍ରାହୀ, ଆଇସିଡିଏସ ସୁପରଭାଇଜର ଶୁଭଶ୍ରୀ ଦାସ, ଶକୁନ୍ତଳା ଦାଶ, ଅଙ୍ଗନବାଡ଼ି କର୍ମୀ ସୁକାନ୍ତି ପ୍ରଧାନ ଓ ସହାୟିକା ରାଜଶ୍ରୀ ଜେନା ପ୍ରମୁଖ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଚନ୍ଦ୍ରଭାଗା ମହୋତ୍ସବ ଉଦ୍‌ଯାପିତ



ବାଲେଶ୍ୱର, ୨।୧(ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ୩୪ ବର୍ଷର ଚନ୍ଦ୍ରଭାଗା ମହୋତ୍ସବ ଉଦଯାପିତ ହୋଇଯାଇଛି। ଚନ୍ଦ୍ରଭାଗାର ପ୍ରତିଷ୍ଠାତା କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବର ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ କ୍ରିଷ୍ଣା ମହାନ୍ତି, ସମାଜସେବୀ ସୁବାସିନୀ ଜେନା, ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ ଏବଂ ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ। ଏହି କାର୍ଯ୍ୟକ୍ରମରେ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଚନ୍ଦ୍ରଭାଗାର ସଦସ୍ୟ ଅମ୍ବିକା ଶତପଥୀ। ସ୍ୱାଗତ ଭାଷଣ ରଖିଥିଲେ ସଦସ୍ୟ ଅବନୀ ଜେନା। ଧନ୍ୟବାଦ ଅର୍ପଣ କରିଥିଲେ ମିଡିଆ ସଂଯୋଜିକା ଜ୍ୟୋତିର୍ମୟୀ। ଉଦଯାପନୀ ସନ୍ଧ୍ୟାରେ ରୋନାଲିସା ପଣ୍ଡା, ଅରୁଣାଂଶୁ ପାଣିଗ୍ରାହୀ, ସତ୍ୟମ କୁମାର ମିଶ୍ର ଏବଂ ଏସ୍. କେ ରାଜାଙ୍କ ସହଯୋଗିତାରେ 'ନାଚ୍' ଅନୁଷ୍ଠାନର ୨୨ବର୍ଷ ପୂର୍ତ୍ତି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ନବବର୍ଷ ଉପଲକ୍ଷେ ବନ୍ଧୁମିଳନ



ବାଲେଶ୍ୱର, ୨।୧(ସମିସ): ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ସହବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ଟାଟା ପାୱାର ଉତ୍ତରାଞ୍ଚଳ ଶାଖା ପକ୍ଷରୁ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ନୂଆବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ସଂଘର କର୍ମକର୍ତ୍ତାମାନେ ଟାଟା ପାୱାରର ସମସ୍ତ ଅଧିକାରୀ, ଜିଲ୍ଲା ପ୍ରଶାସନିକ ଅଧିକାରୀ, ରାଜନେତା ଓ ବରିଷ୍ଠ ସାମ୍ବାଦିକଙ୍କୁ ଅଫିସ ଏବଂ ସେମାନଙ୍କ ବାସଭବନରେ ଭେଟି ନବ ବର୍ଷ ଉପଲକ୍ଷେ ଶୁଭେଛା ଜଣାଇବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହାସହ ସେମାନେ କିଛି ଅବସରପ୍ରାପ୍ତ କର୍ମଚାରୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାବ୍ୟତିତ ଅନ୍ୟ ଚାରୋଟି ଜିଲ୍ଲା ଯାଜପୁର, ଭଦ୍ରକ, କେନ୍ଦୁଝର ଏବଂ ମୟୂରଭଞ୍ଜରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘର କାର୍ଯ୍ୟକର୍ତ୍ତା ହରିଶଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ଦାସ, ବଟକୃଷ୍ଣ ଜେନା, ନିଗମାନନ୍ଦ ରାଉତ, ସଞ୍ଜୟ ପ୍ରଧାନ, ସୌମ୍ୟଜିତ ମହାନ୍ତି, ବିଶେଶ୍ୱର ସେନାପତି, ପ୍ରଦୀପ ଦାସ, ପ୍ରଶାନ୍ତ ପରିଡ଼ା, ମାନସ ରାଉତ, ଅଫିସ ସେକ୍ରେଟାରୀ ବିଭୂତି ଭୂଷଣ ପଢ଼ିଆରୀଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ଅମୃତଧାରା ବୃଦ୍ଧାଶ୍ରମରେ କମ୍ବଳ ଓ ଖାଦ୍ୟ ବଣ୍ଟନ



ବାଲେଶ୍ୱର, ୨।୧(ସମିସ): ଅଲ ଇଣ୍ଡିଆ ମାଇନୋରିଟି ଆସୋସିଏସନ ପକ୍ଷରୁ କମ୍ବଳ ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୟଦ ରୁହୁଲ ଅମିନଙ୍କ ନିର୍ଦ୍ଦେଶ ମୁତାବକ ସହର ଉପକଣ୍ଠ ଅମୃତଧାରା ବୃଦ୍ଧାଶ୍ରମରେ ତିରିଶ ଜଣ ଅନ୍ତେବାସୀଙ୍କୁ ଖାଦ୍ୟ, କମ୍ବକ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଏସ ଗୀତାଞ୍ଜଳି, ବାଲେଶ୍ୱର ଶାଖା ସଭାପତି ଶେଖ ଶାବିର ଅଲ୍ଲୀ, ଉପଦେଷ୍ଟା ଅଜିମ ବାଲେଶ୍ୱରୀ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପ୍ରତି ଆଧୁନିକ ଯୁଗରେ ଯୁବ ପିଢ଼ି ପାଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ କରି ନୂତନ ବର୍ଷକୁ ସ୍ୱାଗତ କରିବା ଆଳରେ ଜିରୋ ନାଇଟ ଉତ୍ସବ ପାଳନ କରୁଥିବା ବେଳେ ଏହି ଆସୋସିଏସନ ଦରିଦ୍ର, ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ କରି ନିଜକୁ ସମାଜ ସେବାରେ ନିୟୋଜିତ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# 'ପ୍ରତିଭାଶ୍ରୀ'ର ନିର୍ମାଣ ଦିବସ ପାଳିତ



ବାଲେଶ୍ୱର, ୨।୧(ସମିସ): ସୁସ୍ଥ ମାନସିକତା ନିର୍ମାଣର ନିରବ ଆନ୍ଦୋଳନ ଓ ସମାଜ ସେବା ପାଇଁ ଅର୍ଥ ନୁହେଁ ସ୍ୱଚ୍ଛ ମନ ଓ ହୃଦୟର ଆବଶ୍ୟକତା ଭାବନା ନେଇ ଦୀର୍ଘ ୨୬ ବର୍ଷ ଧରି କାର୍ଯ୍ୟ କରିଚାଲିଥିବା 'ପ୍ରତିଭାଶ୍ରୀ' ପକ୍ଷରୁ ୨୬ତମ ନିର୍ମାଣ ଦିବସ ଶ୍ରୀ କକ୍ଷରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସମସ୍ତ ସଦସ୍ୟ ସଦସ୍ୟା ଶ୍ରୀଜଗନ୍ନାଥଙ୍କ ପାଖେ ଭାବ ଓ ଭକ୍ତିର ପ୍ରଦୀପ ଜଳାଇ ମଣିଷ ସମାଜ ପାଇଁ ସର୍ବଦା ସୁନ୍ଦର ଭାବନା ଓ ଚିନ୍ତା କରିବା ପାଇଁ ଶପଥ ନେଇ ସାମୂହିକ ନିର୍ମାଣ ଦିବସକୁ ଉଦଘାଟନ କରିଥିଲେ। 'ପ୍ରତିଭାଶ୍ରୀ' ମୁଖ୍ୟ କବି ପ୍ରଶାନ୍ତ ଦାସ ଓ 'ଶ୍ରୀ' ମୁଖ୍ୟ ଅନୁପ ଦାସ ସ୍ୱାଗତ ବକ୍ତବ୍ୟ ରଖିଥିବା ବେଳେ ପ୍ରଯୋଜକ ଅମରଜିତ ଦାସ ଓ ଅଜୟ ଗୁହା ଉତ୍ସବ ପରିଚାଳନା କରିଥିଲେ। ପରେ ଉପ ମୁଖ୍ୟ ମୁରଲୀଧର ନାୟକ, ସେବା ଓ ଶିକ୍ଷା ମୁଖ୍ୟ ଡ଼ା.ଶାନ୍ତନୁ ଦାସ ଓ ନିର୍ମାଣ ଶାଖା ମୁଖ୍ୟ ପର୍ଶୁରାମ ପ୍ରଧାନ ବିଭିନ୍ନ ପରାମର୍ଶ ଦେଇଥିଲେ। ବର୍ଷ ତମାମ କରିବାକୁ ଥିବା କାର୍ଯ୍ୟମାନ ବିଷୟରେ ଉତ୍ସବରେ ସ୍ଥିରୀକୃତ କରାଯାଇଥିଲା। ବିପ୍ଳବ ଦାସମହାପାତ୍ର, ସନ୍ତୋଷ ଦଳେଇ, ଜୟନ୍ତ ପ୍ରଧାନ, ପାର୍ଥ ସାରଥି ସାହୁ, ସୁକୁମାର ଘୋଷ, ନନ୍ଦିତା ନାୟକ, ରଞ୍ଜନା ଘୋଷ, ପ୍ରେୟସୀ ମହାପାତ୍ର, ରଶ୍ମିତା ଆଚାର୍ଯ୍ୟ, ସରସ୍ୱତୀ ଭୋଇ, ପ୍ରତୀମା ତ୍ରିପାଠୀ ପ୍ରମୁଖ ନିଜର ଅନୁଭବ କଥା ରଖିଥିଲେ। କକ୍ଷରେ ଥିବା 'ମାଟିର ମଣିଷ' ପ୍ରତିମୂର୍ତ୍ତି ପାଖେ ଉପସ୍ଥିତ ସଦସ୍ୟମାନେ ମାଟିର ମଣିଷର ଜୟଗାନ କରିଥିଲେ। ଚଳିତବର୍ଷ 'ପ୍ରତିଭାଶ୍ରୀ' କେବଳ ସୁନ୍ଦର ଭାବନା ଓ ମାନସିକତା ସୃଷ୍ଟି କରିବା ପାଇଁ ବିଭିନ୍ନ ସଭା ଓ ଆଲୋଚନାଚକ୍ର ଆୟୋଜନ କରିବାର ଘୋଷଣା ହୋଇଥିଲା। ଶେଷରେ ପ୍ରୀତିକ୍ରିଷ୍ଣା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଆବର୍ଜନାପୂର୍ଣ୍ଣ

## ୪ ଶୌଚାଳୟ ଅଚଳ, ପୋଖରୀ ଦୂଷିତ, ପାର୍କିଂ ପାଇଁ ନାହିଁ ସ୍ଥାନ





**ବାଲେଶ୍ୱର, ୨।୧(ସମିସ) :**

ସ୍ୱଚ୍ଛତା ଉପରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କୁ ତାଗିଦ କରୁଥିଲାବା ବେଳେ ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଆବର୍ଜନାମୟ ହେଇ ଉଠିଛି। କାର୍ଯ୍ୟାଳୟ ପରିସରରେ ଥିବା ଚାରିଟି ଶୌଚାଳୟ ବ୍ୟବହାର ପାଇଁ ଅଯୋଗ୍ୟ ହେଇଯାଇଛି। ବିଭିନ୍ନ କାର୍ଯ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀ ହୁଡ଼ାରେ ପରିଶ୍ରା କରୁଛନ୍ତି। ମାତ୍ର ପୋଖରୀରେ ପାଣି ଦୂଷିତ ହେଇଥିବା ଯୋଗୁ ଏହାର ପାଣିକୁ କେହି ବ୍ୟବହାର କରୁ ନାହାନ୍ତି। ଏହିଭଳି ବିଭିନ୍ନ ଅବ୍ୟବସ୍ଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଯୋଗୁଁ ଜିଲ୍ଲାପାଳଙ୍କ ତରଫରୁ ସେଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

ବାଲେଶ୍ୱର ଜିଲ୍ଲା ପ୍ରଶାସନ ଜିଲ୍ଲାରେ ସ୍ୱଚ୍ଛତା ରକ୍ଷା ଏବଂ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶୌଚାଳୟ ନିର୍ମାଣ ପାଇଁ ପାଗ ଭିଡ଼ିଛନ୍ତି। ଏପରିକି ରାସ୍ତା ପାର୍ଶ୍ୱରେ ଯାନବାହାନ ରଖିବା ଉପରେ କଟକଣା ରହିଥିବାରୁ ପୁଲିସ୍ ପ୍ରଶାସନ ପକ୍ଷରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି। ହେଲେ ଖୋଦ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ବାଉଣ୍ଡରୀ ୱାଲ ପାଖରେ କୁଢ଼କୁଢ଼ ଆବର୍ଜନା ଜମାହୋଇ ରହିଛି। ରାସ୍ତାକଡ଼ରେ ବସୁଥିବା ଉଠାଦୋକାନୀ ଏବଂ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆସୁଥିବା ବିକ୍ଷୋଭକାରୀମାନେ ଖାଦ୍ୟଖାଇ ଜିଲ୍ଲାପାଳଙ୍କ ପ୍ରାଚୀର ଭିତରକୁ ଅଇଁଠା ପତ୍ର ଫିଙ୍ଗୁଥିଲା ବେଳେ ପରିସରରେ ଥିବା ବିଭିନ୍ନ ବିଭାଗର କର୍ମଚାରୀ ମଧ୍ୟ ଅଳିଆ ଆବର୍ଜନା ପକାଉଛନ୍ତି। ତେବେ ଏହି କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ, ନିର୍ବାଚନ ଅଧିକାରୀ, ଜରୁରିକାଳୀନ ଅଧିକାରୀ, କ୍ରୀଡ଼ା ଓ ଯୁବସେବା ଅଧିକାରୀ, ସଂସ୍କୃତି ବିଭାଗ ଅଧିକାରୀ, ଟ୍ରେଜେରୀ, ବ୍ଲକ୍ ଶିକ୍ଷା ଅଧିକାରୀ, ପରିସଂଖ୍ୟାନ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ଗୁଡ଼ିକୁ ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ କାମରେ ଆସୁଛନ୍ତି। ସେମାନଙ୍କ ପାଇଁ କୌଣସି ଶୌଚାଳୟ କିମ୍ବା ପରିସ୍ରାଗାର ନାହିଁ। ୨୦୦୧ ମସିହାରେ ରେଡ୍‌କ୍ରସ ଭବନ (ପୁରୁଣା ଏମର୍ଜେନ୍ସି ଅଫିସ୍) ସମ୍ମୁଖରେ ଗୋଟିଏ ଶୌଚାଗାର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛରେ ଥିବା ପରିବାର ଅଦାଲତ ସମ୍ମୁଖରେ ଏକ ଶୌଚାଳୟ ଏବଂ ୨୦୧୦ ମସିହାରେ ଏକ ବାୟୋ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ସେସବୁରେ ଏବେ ଝୁଲୁଛି ତାଲା। ତେଣୁ ଲୋକମାନେ ବାଧହୋଇ ଏଣେତେଣେ ମଳତ୍ୟାଗ ଓ ଶୌଚ ହେଉଥିବା ଲକ୍ଷ୍ୟ କରାଯାଇଛି। ସେହିପରି ଜରୁରିକାଳୀନ ଅଧିକାରୀଙ୍କ କାର୍ଯ୍ୟାଳୟର ପୁରୁଣା ଦୁଇମହଲା କୋଠା ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାର ଛାତରେ ସୌରଚାଳିତ ଶକ୍ତି ପ୍ୟାନେଲ୍ ରହିଥିଲେ ମଧ୍ୟ ତାହା ଅଚଳ ହୋଇଯାଇଛି। ଏଥିପାଇଁ ସେତେବେଳେ ପ୍ରାୟ ୧୬ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ଏବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛପଟେ ଏକ ଅତ୍ୟାଧୁନିକ କାର୍ଯ୍ୟାଳୟ ନିର୍ମାଣ ଚାଲିଛି। ଏଥିପାଇଁ ସରକାର ୧୭କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି। ତେବେ ପୁରୁଣା କୋଠାଘର ଗୁଡ଼ିକର ମରାମତି କରାଗଲେ ହୁଏତ, ସେସବୁ କାମରେ ଲାଗିପାରନ୍ତା। ମାତ୍ର ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସେହିପରି ୨୦ବର୍ଷ ତଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସୁନ୍ଦର ଏକ ଜଳାଶୟ (ପୋଖରୀ)କୁ ମଧ୍ୟ ପ୍ରଶାସନ ପୁନରୁଦ୍ଧାର କରୁନାହାନ୍ତି। ଫଳରେ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏହି ପୋଖରୀ ପାଣିକୁ ଭିକ୍ଷୁକ ଓ ଗାଈଗୋରୁ କୁକୁର ପ୍ରଭୃତି ବ୍ୟବହାର କରୁଥିଲେ। ମାତ୍ର ଏହାର ପାଣି ଦୂଷିତ ହେଲାପରେ ଆଉ କେହି ବ୍ୟବହାର କରୁନାହାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ପୋଖରୀ ଗୁଡ଼ିକର ପୁନରୁଦ୍ଧାର କରାଯିବା ସହିତ ଆଡ଼ିବନ୍ଧ ଓ ପକ୍କାଘାଟ ନିର୍ମାଣ ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅର୍ଥ ବିନିଯୋଗ କରୁଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ପୋଖରୀକୁ କାହିଁକି ବିକାଶ କରାଯାଉ ନାହିଁ, ତାହା ବାଲେଶ୍ୱରର ଜନ ସାଧାରଣ ବୁଝି ପାରୁନାହାନ୍ତି। ଏତଦ ବ୍ୟତୀତ କାର୍ଯ୍ୟାଳୟ ପରିସରରେ ମୋଟର ସାଇକେଲ ପାର୍କିଂ ପ୍ଲେସ ନାହିଁ। ଫଳରେ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ କାର୍ଯ୍ୟାଳୟ ପରିସରରେ ଯେଉଁଠି ପାରୁଛନ୍ତି, ସେହିଠାରେ ଛିଡ଼ା କରାଉଥିବା ଦେଖାଯାଉଛି। ଏହି ସବୁ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟିଦେଲେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁସ୍ଥ ପରିବେଶ ସୃଷ୍ଟି ହେବା ସହିତ ଏହାର ରୂପ ପରିବର୍ତ୍ତନ ହୋଇପାରନ୍ତା ବୋଲି ସଚେତନ ନାଗରିକମାନେ କହିଛନ୍ତି।

# ଦେବ କୁମାର ବାଲେଶ୍ୱର ଜିଲ୍ଲା ବିଜେଡି ଉପସଭାପତି



**ବାଲେଶ୍ୱର, ୨।୧(ସମିସ):** ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ନିକଟରେ ବିଜୁ ଜନତା ଦଳରେ ଯୋଗ ଦେଇଥିବା ବରିଷ୍ଠ ନେତା ଦେବ କୁମାର ଦେଙ୍କୁ ବାଲେଶ୍ୱର ବିଜେଡ଼ି ଜିଲ୍ଲା କମିଟିର ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, କି ଗତ ଡିସେମ୍ବର ୨୮ ତାରିଖରେ ହାତ ଛାଡ଼ି ଶଙ୍ଖ ଫୁଙ୍କିଥିବା ବାଲିଆପାଳର ଟାଣୁଆ ନେତା ଦେବ କୁମାର ଦେ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ଆଜିର ଘୋଷଣା ପରେ ଶ୍ରୀ ଦେ, ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, 'ନବୀନ ଓଡ଼ିଶା'ର ଅଧ୍ୟକ୍ଷ ଭି କେ ପାଣ୍ଡିଆନ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ପାତ୍ର, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ପ୍ରମୁଖଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି।

# ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ



**ବାଲେଶ୍ୱର, ୨।୧(ସମିସ):** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରେ ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହେଇଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଂଚିତ ଯୋଗ୍ୟ ହିତାଧିକାରୀଙ୍କୁ ନବୀନ କାର୍ଡ ମାଧ୍ୟମରେ ସ୍ୱାସ୍ଥ୍ୟ ବୀମା ଯୋଗାଇବା ଦେବା ପାଇଁ ଏହି ସଚେତନତା ରଥକୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଆଗାମୀ ୬ ତାରିଖରୁ ୧୬ତାରିଖ ମଧ୍ୟରେ ଯୋଗ୍ୟ ହିତାଧିକାରୀମାନେ ଅନଲାଇନ ମାଧ୍ୟମରେ ନବୀନ କାର୍ଡ ଆବେଦନ କରିବା ପାଇଁ ଜିଲ୍ଲାପାଳ ନିବେଦନ କରିଛନ୍ତି।

● ୧୮ ନଂ. ୱାର୍ଡ ଗୋଷ୍ଠୀ ଶୌଚାଳୟରେ ତାଲା

# ସାମ୍ନାରେ ଅଳିଆ ଗଦା, ଫାଟିପଡୁଛି ନାକ



**ବାଲେଶ୍ୱର, ୨।୧(ସମିସ):** ବାଲେଶ୍ୱର ସହର ଓ୍ୱାର୍ଡ ନମ୍ବର ୧୮ ରେ ନିର୍ମାଣ ହୋଇଛି ଏକ ଗୋଷ୍ଠୀ ଶୌଚାଳୟ। ଦୀର୍ଘଦିନ ଧରି ଲକ୍ଷାଧବକ ଟଙ୍କାରେ ନିର୍ମିତ ଏହି ଶୌଚାଳୟରେ ତାଲା ଝୁଲୁଛି। ଖାଲି ସେତିକି ନୁହେଁ ସେଇ ଶୌଚାଳୟ ସାମ୍ନା ଏବେ ଅଳିଆ ଗଦା ପାଲଟିଛି। ପ୍ରତିଦିନ ତାଲା ପଡ଼ିଥିବା ଏହି ଶୌଚାଳୟ ସାମ୍ନାରେ ବିଭିନ୍ନ ପ୍ରକାର ଅଳିଆ ନୂଆ ବଜାରର ଦୋକାନୀମାନେ ପକାଉଛନ୍ତି। ଫଳରେ ଦୁର୍ଗନ୍ଧରେ ନାକ ଫାଟିଯାଉଥିବା ବେଳେ ପରିବେଶ ପ୍ରଦୂଷିତ ହେଉଛି। ରାସ୍ତାକୁ ଡ୍ରେନ୍ ରହିଛି। ଏହି ଅଳିଆ ପକାଇବା ଦ୍ୱାରା ଡ୍ରେନ୍ ବି ଏକପ୍ରକାର ଜାମ୍ ହୋଇଯାଇଛି। ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଅଞ୍ଚଳର ମନିଷ ଜେନା ଟୁଇଟ୍ କରି ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପୌରପାଳିକାର ସଫେଇ କର୍ମଚାରୀ ତାହାକୁ ସଫା କରିଥିଲେ ହେଁ ପୁଣି ସେଇ ପରିସ୍ଥିତି। ଅଭିଯୋଗ ପରେ ସଙ୍ଗେ ସଙ୍ଗେ ଅଳିଆ ସଫା ତ ହେଉଛି ହେଲେ ତାହା ଏକ ପ୍ରମୁଖ ବଜାର ହୋଇଥିବାରୁ ସେଠାରେ ଅଳିଆ ପକାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ନୂଆ ବଜାରର ହୋଲସେଲରମାନେ ଏହି ଅଳିଆ ସେଠାରେ ପକାଉଛନ୍ତି ଏବଂ ସେମାନଙ୍କଠାରୁ ନିୟମିତ ଭାବେ ଜରିମାନା ଆଦାୟ ହେଉଛି। ରାସ୍ତା କଡ଼ରେ ଓ ଶୌଚାଳୟ ସାମ୍ନାରେ ଏପରି କୁଢ଼ କୁଢ଼ ଅଳିଆ ପକାଇବା ଘଟଣା ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ଶୌଚାଳୟରୁ ତାଲା ଖୋଲି ବ୍ୟବହାର କରିବାକୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ଓ୍ୱାର୍ଡ ନମ୍ବର ୧୮ ରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲା। ମାତ୍ର ତାହା ଆଜି ପର୍ଯ୍ୟନ୍ତ ଲୋକଙ୍କ କାମରେ ଆସିନାହିଁ। ଏଥିସହିତ ସେଠାରେ ମୁକ୍ତା ଯୋଜନା ମାଧ୍ୟମରେ ପରିଶ୍ରାଗାର ମଧ୍ୟ ନିର୍ମାଣ ହୋଇ ୨୦୨୨ ରେ ଶେଷ ହୋଇଥିଲା। ହେଲେ ମହିଳା ଓ ପୁରୁଷ ପରିଶ୍ରାଗାରରେ ତାଲା ଝୁଲୁଛି। ଫଳରେ ଏହା ସାମ୍ନାରେ ଗଦା ହେଉଛି ଅଳିଆ ଆବର୍ଜନା। ଶୌଚାଳୟ ସାମ୍ନାରେ ଲେଖାଯାଇଛି ସ୍ୱଚ୍ଛ ଭାରତ ମିଶନ। ହେଲେ ସେଇଠୁ ହିଁ ସୃଷ୍ଟି ହୋଇଛି ଏକ ଆସ୍ୱାସ୍ଥ୍ୟକର ପରିବେଶ। ସବୁବେଳେ ଶୌଚାଳୟରେ ଚାବି ପଡ଼ିଥିବା ବେଳେ ପ୍ରତିଦିନ ଶୌଚାଳୟ ସାମ୍ନାରେ ଅଳିଆ ପଡୁଛି। ତେବେ ପୌରପାଳିକା ପକ୍ଷରୁ ନିୟମିତ ଭାବେ ଏହାର ଚେକିଂ ହେଉନାହିଁ କି ନିୟମ ଉଲ୍ଲଂଘନ କରୁଥିବା ଦୋକାନୀଙ୍କଠୁ ଜରିମାନା ଆଦାୟ କରାଯାଉନି। ଅଳିଆ ପକାଇବା ପାଇଁ ସେଠାରେ କୌଣସି ଡଷ୍ଟବିନ୍ ମଧ୍ୟ କରାଯାଇନାହିଁ। ଫଳରେ ପରିବା ଦୋକାନୀଠୁ ଆରମ୍ଭ କରି ଫଳ ଦୋକାନୀ, ଅଣ୍ଡା ଖୋଳ, ନଡ଼ିଆ ଖୋଳ ଆଦି ସବୁ ରାସ୍ତା କଡ଼ରେ ପକାଇ ଦେଉଛନ୍ତି। ଏନେଇ ଅଭିଯୋଗ ପରେ ମଧ୍ୟ ସେଇ ସମାନ ଅବସ୍ଥା। ସେଠାରେ ଗୋଟେ ବଡ଼ ଢ଼ାଙ୍କୁଣି ଥିବା ଡଷ୍ଟବିନ୍ ର ବ୍ୟବସ୍ଥା କରାଯିବା ଆବଶ୍ୟକ। ଫଳରେ ସବୁ ଦୋକାନୀ ସେଇ ଡଷ୍ଟବିନ୍ ରେ ଅଳିଆ ପକାଇବେ। ଯିଏ ଏହି ନିୟମ ଉଲ୍ଲଙ୍ଘନ କରିବ, ସେମାନଙ୍କଠୁ ପୌରପାଳିକା ଜରିମାନା ଆଦାୟ କରୁ। କାରଣ ପୌରପାଳିକା ସ୍ୱଚ୍ଛ ବାଲେଶ୍ୱର କଥା କହୁଥିବା ବେଳେ ଏହା ସ୍ୱଚ୍ଛ ବାଲେଶ୍ୱର' ବୋଲି ଆଦୌ ଜଣାପଡୁନି। ତେବେ ଦୀର୍ଘଦିନ ଧରି ଏହି ଶୌଚାଳୟରେ କାହିଁକି ତାଲା ପଡ଼ିଛି ତାହାର କାହାକୁ ଜଣାନାହିଁ। ଏନେଇ ୧୮ ଓ୍ୱାର୍ଡ

## ନୂତନ ଉତ୍ସାହର ବାର୍ତ୍ତାଦେଲେ କୁଳପତି

# '୨୦୨୪ରେ ବିଶ୍ୱବିଦ୍ୟାଳୟକୁ ପୁଣି ସର୍ବୋଚ୍ଚ ସ୍ତରରେ ପହଞ୍ଚାଇବା'



**ବାଲେଶ୍ୱର, ୨।୧(ସମିସ):**

ନୂଆବର୍ଷ ଉପଲକ୍ଷେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏକ ଛୋଟ ଭିଡିଓ ମାଧ୍ୟମରେ ନୂତନ ଉତ୍ସାହର ବାର୍ତ୍ତା ପ୍ରଦାନ କରିଛନ୍ତି। ବିଶ୍ୱବିଦ୍ୟାଳୟର ଉନ୍ନତି ଓ ବିକାଶ ପାଇଁ ଭିଡିଓ ଜରିଆରେ ସମସ୍ତଙ୍କୁ ଉତ୍ସାହିତ କରିଛନ୍ତି। ଏହି ଭିଡିଓକୁ ଫକୀରମୋହନ ୟୁନିଭରସିଟି ଆକାଉଣ୍ଟରୁ ଟୁଇଟରରେ ପୋଷ୍ଟ ମଧ୍ୟ କରାଯାଇଛି।

'୨୦୨୪ ଇଂରାଜୀ ବର୍ଷ ଆସିଛି। ଏହାକୁ ବହୁତ ଭଲରେ କାଟିବା ପାଇଁ ଆମେ ଯୋଜନା କରିବା ଦରକାର। ୨୦୨୩ ରେ ଆମେ ସବୁ ଦେଖିଛେ। ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାଠୁ ଆରମ୍ଭ କରି ଅନେକ ଅଘଟଣ ଦେଖିଛେ। କିନ୍ତୁ ଏହାରି ଭିତରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ବି ପ୍ଲସରୁ ଏ ଗ୍ରେଡ୍ ରେ ପହଞ୍ଚିବା ବି କିଛି କମ୍ କଥା ନୁହେଁ। ଆମ ପାଇଁ ସୁଯୋଗ ଆସିଛି, ଆହ୍ୱାନ ବି ଆସିଛି। ଯାହାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଗ୍ରହଣ କରିଛି। ତେବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ସେଇ ସୁଯୋଗ ଓ ଆହ୍ୱାନକୁ ଗ୍ରହଣ କରିବା ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଆଉଥରେ ସର୍ବୋଚ୍ଚ ଜାଗାରେ ପହଞ୍ଚାଇବା ପାଇଁ ୨୦୨୪ରେ ଚେଷ୍ଟା କରିବା। ସମସ୍ତେ ମିଶିବା ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଆଉଥରେ ନୂଆ କରି ସଜେଇବା, ନୂଆ କରି ଗଢ଼ିବା। ୨୦୨୪ ମସିହାରେ ଶିକ୍ଷା, ଗବେଷଣା, ଖେଳ, କସରତ ଏବଂ ସାହିତ୍ୟ, ସଂସ୍କୃତି ସବୁକୁ ନେଇ ଫକୀରମୋହନ ମହାବିଦ୍ୟାଳୟର ନୂଆ ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରିବା। ମୋର ଏତିକି ସମସ୍ତଙ୍କୁ ଆବେଦନ ରହିବ, ପରିବାରର ସଦସ୍ୟ ହିସାବରେ ସମସ୍ତେ ମିଶିବା ଓ ପରିବାରର ଉନ୍ନତି ପାଇଁ କାମ କରିବା' ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି।

# ଟ୍ରଲର ଧକ୍କାରେ ନାବାଳିକା ମୃତ



**ବାଲେଶ୍ୱର, ୨।୧(ସମିସ):** ଟ୍ରଲର ଚକାତଳେ ଚାପିହୋଇ ଜଣେ ନାବାଳିକା ଝିଅର ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ନରହରିପୁର ବାଇପାସ୍ ଛକରେ ଘଟିଛି। ନରହରିପୁର ଗ୍ରାମର ଚିତ୍ତରଞ୍ଜନ ବାରିକଙ୍କ ଝିଅ ରୀତା (୧୫) ପୂର୍ବାହ୍ନରେ ସ୍ଥାନୀୟ ପୋଷ୍ଟ ଅଫିସକୁ ସାଇକଲରେ ଯାଉଥିଲା। ଏହି ସମୟରେ ଇମାମି ଆଡୁ ଗୋଲେଇ ଯିବା ରାସ୍ତାର ବାଇପାସ୍ ଛକରେ ଏନଏଲଓ/ଏଜି/୭୫୬୬ ନମ୍ବର ବିଶିଷ୍ଟ ଏକ ଟ୍ରଲର ଦ୍ରୁତଗତିରେ ଆସି ରୀତାକୁ ଧକ୍କା ଦେଇଥିଲା। ରୀତାର ମୁଣ୍ଡ ଉପରେ ଟ୍ରଲର ପଛଚକା ଚଢ଼ି ଚାଲିଯାଇଥିଲା। ଦୁର୍ଘଟଣାସ୍ଥଳରେ ରୀତାର ମୃତ୍ୟୁ ହୋଇଯାଇ ଥିଲା। ଖବର ପାଇ ଶିଳ୍ପାଞ୍ଚଳ ଥାନା ପୁଲିସ ଦୁର୍ଘଟଣା ସ୍ଥଳକୁ ଆସି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। ଥାନାରେ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଗାଡ଼ିଆରୁ ନିଖୋଜ ଶିଶୁପୁତ୍ରର ମୃତଦେହ ଉଦ୍ଧାର



**ସୋର, ୨।୧(ସମିସ):** ଗତକାଲି ଠାରୁ ନିଖୋଜ ଥିବା ଶିଶୁପୁତ୍ରର ମୃତଦେହ ଘର ନିକଟସ୍ଥ ଏକ ଗାଡ଼ିଆରୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଗତକାଲି ପୂର୍ବାହ୍ନ ସମୟରେ ସୋର ପୌରପାଳିକା ଅନ୍ତର୍ଗତ ରାଇପୁର ସାଦମାପୁର ଗ୍ରାମର ମୋହନ ସାହୁଙ୍କ ଅଢ଼େଇ ବର୍ଷର ଶିଶୁ ପୁତ୍ର ଶୁଭମ୍ ଭଉଣୀ ସହ ଖେଳୁଥିଲା। ଶୁଭମର ଭଉଣୀ ଶୌଚ ହେବାକୁ ଯାଇ ଫେରିବା ପରେ ଶୁଭମକୁ ଦେଖିବାକୁ ନପାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରେ ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଶୁଭମକୁ ନପାଇ ସୋର ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଆଜି ସକାଳେ ଘର ନିକଟରେ ଥିବା ପୋଖରୀରେ ମଟର ଲଗାଇ ପାଣି ଶୁଖାଯାଇଥିଲା। ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଏବଂ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ଅନ୍ୟ ଦୁଇଟି ପୋଖରୀରେ ଖୋଜାଖୋଜି କରିବା ପରେ ଏକ ଛୋଟ ଗାଡିଆରୁ ଶୁଭମର ମୃତ ଦେହକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ। ଶୁଭମର ମୁଣ୍ଡରେ କ୍ଷତ ଚିହ୍ନ ଥିବାରୁ ତାକୁ କେହି ହତ୍ୟାକରି ଫିଙ୍ଗି ଦେଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ତେବେ ଅଗ୍ନିଶମ କର୍ମଚାରୀମାନେ ଶୁଭମର ଶବକୁ ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୁଲିସ ୧/୨୪ ରେ ଏକ ମାମଲା ରୁଜୁ କରି ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# କୁନି ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା



**ପଞ୍ଚଲିଙ୍ଗେଶ୍ୱର, ୨।୧(ସମିସ):** ବାଲେଶ୍ୱର ଜିଲ୍ଲା ଔପଦା ଈଶ୍ୱରପୁର ପଂଚାୟତ ଅନ୍ତର୍ଗତ ମରେଇ ଗ୍ରାମରେ ବାବା ନୀଳକଣ୍ଠେଶ୍ୱର ଯୁବକ ସଂଘ ପକ୍ଷରୁ କୁନି ପ୍ରତିଭାଙ୍କୁ ନେଇ ଏକ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଭା ଯୋଗଦାନ ଦେଇ ନିଜ ନିଜର ନୃତ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ ମୁଖ୍ୟ ଅତିଥି ଦେବନ୍ଦ୍ର ପଣ୍ଡା କରିଥିଲେ। ସମ୍ମାନିତ ଅତିଥି ରୂପେ ମହାପାତ୍ର ହେଲଥ କେୟାରର ପରିଚାଳକ ସତ୍ୟ ମହାପାତ୍ର ଯୋଗଦାନ ଦେଇ କୃତିତ୍ୱ ହାସଲ କରିଥିବା ପ୍ରତିଭା ମାନଂକୁ ପୁରସ୍କାର ବିତରଣ କରିଥିଲେ। ଯୁବକ ସଂଘ ପକ୍ଷରୁ ସଭାପତି ସଞ୍ଜୟ ସ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ସ, ସମ୍ପାଦକ ସ୍ମୃତିରଞ୍ଜନ ମହାପାତ୍ର, ସମାଜସେବୀ ବାବୁଲା ପ୍ରାଣଙ୍କ ଶହ ରତିକାନ୍ତ, ଶମ୍ଭୁନାଥ, , ଉଦୟନାଥ, , ଜୟନ୍ତ ଓ ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

**'ଭୋଗରାଇ ଉତ୍ସବ-୨୦୨୪'ର ଦ୍ୱିତୀୟ ସନ୍ଧ୍ୟା**

# 'ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ ଓ ବାସ୍ତବଧର୍ମୀ କରିବା ଆବଶ୍ୟକ'

**ଭୋଗରାଇ, ୨।୧, (ସମିସ) :**



ଶିକ୍ଷା ଓ ସଂସ୍କୃତି ପରସ୍ପର ପରିପୂରକ। ଶିକ୍ଷା ସମାଜର ଆଲୋକ ବର୍ତ୍ତିକା ହୋଇଥିଲା ବେଳେ ସଂସ୍କୃତି ହେଉଛି ଦର୍ପଣ। ଯେଉଁ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ଯେତେ ସୁଦୃଢ, ସେଠାରେ ସଂସ୍କୃତି ସେତେ ବିକଶିତ। ବହୁ ଅତୀତ ସମୟରୁ ଭୋଗରାଇରେ ଶିକ୍ଷାର ଭିତ୍ତିଭୂମି ସୁଦୃଢ ହୋଇଥିବାରୁ ଏଠାରେ ସଂସ୍କୃତି ବହୁ ବିକଶିତ। ଫଳରେ ବହୁ ଶିକ୍ଷାବିତ, ଦାର୍ଶନିକ, ଗବେଷକ, ଐତିହାସିକ, ସାହିତ୍ୟିକ, ନାଟ୍ୟକାର, କବି, ଚିତ୍ରକର, ବୈଜ୍ଞାନିକ, ବିଶେଷଜ୍ଞ ଡାକ୍ତର, ଇଞ୍ଜିନିୟର ଓ ବିଭିନ୍ନ ବିଭାଗର ବହୁ ଯୋଗ୍ୟ ବ୍ୟକ୍ତିତ୍ୱ ଭୋଗରାଇର ମାଟି, ପାଣି ଓ ପବନରୁ ସୃଷ୍ଟି ହୋଇ ସମଗ୍ର ଦେଶ ତଥା ବିଦେଶରେ ଜନ୍ମମାଟିର ନାମ ଉଜ୍ଜ୍ୱଳ କରିଛନ୍ତି। ଭବିଷ୍ୟତ ପାଇଁ ଭଲ ମଣିଷ ଗଢିବାକୁ ହେଲେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରୟୋଗାତ୍ମକ, ଗୁଣାତ୍ମକ ଓ ବାସ୍ତବଧର୍ମୀ କରିବାର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର ୧୫ ତମ ଭୋଗରାଇ ଉତ୍ସବ-୨୦୨୪ ର ଦ୍ୱିତୀୟ ସାନ୍ଧ୍ୟ ସଭାରେ ମତପ୍ରକାଶ ପାଇଛି।

ଉତ୍ସବ କମିଟିର କାର୍ଯ୍ୟାଳୟ ସମ୍ପାଦକ ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପରିମଳ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସାନ୍ଧ୍ୟ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଯୋଗଦେଇ ଶିକ୍ଷାକୁ ବାସ୍ତବଧର୍ମୀ ଓ ପ୍ରୟୋଗାତ୍ମକ କରିବା ସପକ୍ଷରେ ମତାମତ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବିଶିଷ୍ଟ ଗବେଷକ ଡଃ ଶ୍ରୀକାନ୍ତ ଚରଣ ପାତ୍ର ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଡଃ ସନ୍ତୋଷ କୁମାର ପାତ୍ର ଯୋଗ ଦେଇ ଭୋଗରାଇର ସୁଦୃଢ ଶିକ୍ଷା ଭିତ୍ତିଭୂମି ଓ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ୨୦୨୨-୨୩ ଶିକ୍ଷା ବର୍ଷରେ ମେଟ୍ରିକ ବୋର୍ଡ ପରୀକ୍ଷାରେ ଭୋଗରାଇ ବ୍ଲକ ସମେତ ବାଲେଶ୍ୱର ଜିଲ୍ଲାରେ ଟପ୍ପର ହୋଇଥିବା ଶ୍ୟାମାନନ୍ଦୀପୁର ଡିଟିଏଲକେ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ କାଳାହୀ ପ୍ରଫୁଲ୍ଲ ପଙ୍କଜିନୀ ସରକାରୀ ବିଦ୍ୟାମନ୍ଦିରର ଛାତ୍ର ରତ୍ନସାଗର ଦାସଙ୍କ ସମେତ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ପ୍ରଧାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ କମିଟିର ଅନ୍ୟତମ ସମ୍ପାଦକ କବି ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଆକର୍ଷଣୀୟ ମୀନାବଜାର, ବୈଦ୍ୟୁତିକ ସାଜସଜ୍ଜା, ନାଗର ଦୋଳା, ବ୍ରେକ ଡ୍ୟାନ୍ସ, ସୁପର ଡ୍ରାଗନ ଟ୍ରେନ, ମରଣ କୁଆଁ, ଟୋରା ଟୋରା, ଟୟ ଟ୍ରେନ, ଯାଦୁଖେଳ ଆଦି ବିଭିନ୍ନ ପ୍ରକାରର ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି। ଏହାସହିତ ବିଭିନ୍ନ କିସମର ଫାଷ୍ଟ ଫୁଡ ସହିତ ବିଭିନ୍ନ ହସ୍ତଶିଳ୍ପ ଓ କାରୁକାର୍ଯ୍ୟ ସାମଗ୍ରୀ ଷ୍ଟଲ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଛି। ସଭା ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭା ପରେ ଭଦ୍ରକର ମେଲୋଡି ଗ୍ରୁପର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ମାତୃପିତୃ ପୂଜନ କାର୍ଯ୍ୟକ୍ରମ

**ରାଜଘାଟ, ୨।୧(ସମିସ):** ଇଂରାଜୀ ନବବର୍ଷ ପାଳନ ଅବସରରେ ବସ୍ତା ବ୍ଲକ୍ ପୁରୁଷୋତ୍ତମପୁର ପଞ୍ଚାୟତର ସମିତି ସଭ୍ୟା ମିନତୀ ଦାସଙ୍କ ସରିଷା ସ୍ଥିତ ବାସଭବନରେ ମାତୃପିତୃ ପୂଜନ ସହିତ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ସମାଜସେବୀ କରୁଣାକର ଦାସଙ୍କ ଆବାହକତ୍ୱରେ ପଞ୍ଚାୟତର ୨୫୦ରୁ ଊର୍ଦ୍ଧ୍ୱ ବାପା ମାଆଙ୍କ ପଦସେବା ସହିତ ବନ୍ଦାପନା କରାଯାଇ ସ୍ନେହର ପ୍ରତୀକ ସ୍ୱରୂପ ଗୋଲାପ ଫୁଲ ଦିଆଯାଇ ସ୍ୱାଗତ କରାଯାଇଥିଲା। ଏନେଇ ଏକ ସଭାରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ସୁଶାନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ କୁମାର ଜେନା, ପ୍ରାଧ୍ୟାପକ ଜଗନ୍ନାଥ ସାହୁ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାନ୍ତି, ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ, ଅବସରପ୍ରାପ୍ତ ଏବିଇଓ ରାଧାମୋହନ ପ୍ରଧାନ, ପ୍ରମୋଥ ଘୋଷମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ରହି ଦିଗଦର୍ଶନ ଦେଇଥିଲେ। ଶେଷରେ ୯୦ରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଦିଲ୍ଲୀପ ମହାନ୍ତି, ଲୋକନାଥ ପାଳ, ଅନୀଲ ବେହେରା, ତାରାକାନ୍ତ ସେନାପତି, ସନାତନ ପ୍ରଧାନ, ବିଭୂତି କୁଣ୍ଡ, ବିଜୟ ମହାନ୍ତି, ଦେବଦତ୍ତ ଜେନା, ସସ୍ମିତା ପାତ୍ର, ପ୍ରଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ନାମ୍ପୋ ପଞ୍ଚାୟତରେ ବିପର୍ଯ୍ୟସ୍ତ 'ବସୁଧା ଯୋଜନା'



**● ଅଭିଯୋଗ ପରେ ବି ଶୁଣୁନାହାନ୍ତି ବିଭାଗୀୟ ଅଧିକାରୀ**

**ନାମ୍ପୋ, ୨।୧(ସମିସ):** ଜନସାଧାରଣଙ୍କୁ ସହଜରେ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରକଳ୍ପର ବାସ୍ତବ ରୂପାୟନ ହେଉଛି ବୋଲି ଗାଁର ଗଳି କନ୍ଦିରେ ବଡ଼ ବଡ଼ ହୋର୍ଡିଂ ବି ଲାଗୁଛି। ହେଲେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ। ଏବେବି ଅନେକ ପଂଚାୟତର ଗାଁ କୁ ପାନୀୟ ଜଳର ସୁବିଧା ହେଇପାରିନାହିଁ। ଏମିତି ଏକ ପଞ୍ଚାୟତ ହେଉଛି ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତ। ମୋଟ ୧୬ ଗୋଟି ୱାର୍ଡରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ଏହି ପଂଚାୟତରେ ତିନିଗୋଟି ପାନୀୟ ଜଳ ପ୍ରକଳ୍ପ ରହିଛି। ତେବେ ଅଦ୍ୟାବଧି ସମସ୍ତ ୱାର୍ଡକୁ ଜଳ ଯୋଗାଣ ସମ୍ଭବ ହୋଇପାରିନାହିଁ। ୩ନମ୍ବର ୱାର୍ଡରେ ପାଇପ ସଂଯୋଗ ହୋଇଥିବା ବେଳେ ସମ୍ପୂର୍ଣ୍ଣ ୱାର୍ଡକୁ ଜଳ ଯୋଗାଇ ଦିଆଯାଇନାହିଁ। ସେହିପରି ୪ ନମ୍ବର ୱାର୍ଡରେ ଆଂଶିକ ପାଇପ ସଂଯୋଗ ହୋଇଥିବା ବେଳେ ଏବେବି ଜୋତିଜଙ୍ଗମ ହରିଜନ ସାହି ଓ ବାଲି ଗଡ଼ିଆ ଆଦିବାସୀ ସାହିକୁ ପାଇପ ସଂଯୋଗ ହୋଇନାହିଁ। ସେହିପରି ଦୁଇ ନମ୍ବର ପ୍ରକଳ୍ପ (ଅସୁର ଆଡ଼ି)ରୁ ୧, ୨ ଓ ୩ ନମ୍ବର ୱାର୍ଡକୁ ଯୋଗା ଯାଉଥିବା ପାଣି ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ। କେତେକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୩ ନମ୍ବର ୱାର୍ଡର ଅଧିକାଂଶ ଅଞ୍ଚଳକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଜଳ ଯୋଗାଣରେ ଅନିୟମିତତା ସଂକ୍ରାନ୍ତରେ ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେବାରୁ ଗତ ଡିସେମ୍ବର ୨୦୨୨ ମସିହାରେ ବିଭାଗୀୟ କାନିଷ୍ଠ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଓଏସଡି ଓ ନାମ୍ପୋ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ସହ ଆଲୋଚନା କରି ମାର୍ଚ୍ଚ ୨୦୨୩ ଶୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ସମସ୍ତ ହିତାଧିକାରୀଙ୍କୁ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାଏଁ ୫୦ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ବାକି ରହିଛି। ଯେତିକି ଅଞ୍ଚଳକୁ ଜଳ ଯୋଗାଣ ହେଉଛି ତାହା ନିୟମିତ ନୁହେଁ। ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ସରପଞ୍ଚ ଲୋପାମୁଦ୍ରା ରାଉଳ ପ୍ରକାଶ କରିଛନ୍ତି। ଅପର ପକ୍ଷରେ ଏସଂକ୍ରାନ୍ତରେ ବିଭାଗୀୟ ଏସଡିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଡି ପି ଆର ରେ ଷ୍ଟକ ସରି ଯାଇଛି। ପାଇପ ଆସିଲେ ବାକିଥିବା ୱାର୍ଡରେ ପାଇପ ବିଛା ଯିବ। ଯୋଗାଣ ହେଉଥିବା ନିମ୍ନମାନର ପାଣି ବିଷୟରେ ସେ କିଛି ଜାଣିନାହାନ୍ତି, ଏ ସଂକ୍ରାନ୍ତରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ସହ ୪ ଦିନ ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ଦୂର କରାଯାଇ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଜକୁ ୧୫ ଦିନ ବିତି ଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଆଜକୁ ୧୫ ଦିନ ହେବ କେତେକ ଅଞ୍ଚଳକୁ ଜଳ ଯୋଗଣ ବନ୍ଦ ରହିଛି। ତେବେ ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ଏକ ଜନଆନ୍ଦୋଳନର ସମ୍ଭାବ୍ୟ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।

# କୁମ୍ଭକ୍ଷେତ୍ରରେ ବିପଦର ଘଣ୍ଟି !



**ନୀଳଗିରି, ୨।୧(ସମିସ):** ନୀଳଗିରି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳ ଏଠାରେ ଭକ୍ତଙ୍କଠାରୁ ଆରମ୍ଭ କରି ପ୍ରକୃତି ପ୍ରେମୀମାନେ ଛୁଟିଦିନ ପାଳିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥାନ୍ତି। ନୀଳଗିରିରୁ ମାତ୍ର ୬ କି.ମି ଦୂର ସିଆଡ଼ିମାଳ ପଞ୍ଚାୟତସ୍ଥିତ ବାବନ୍ଧ ଗ୍ରାମର ପାହାଡ଼ର ପାଦଦେଶରେ ଅବସ୍ଥିତ ଏହି ବନ୍ଧ ଆଡ଼ିରେ ଥିବା ପର୍ଯ୍ୟଟନ କ୍ଷେତ୍ରର ନାମ ହେଇଛି କୁମ୍ଭକ୍ଷେତ୍ର। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ସ୍ଥାନ ଯାହା କୁଲଡ଼ିହା ପାହାଡ଼ର ପାଦଦେଶରେ ଅବସ୍ଥିତ। ଏଠାକାର ମୁଖ୍ୟ ଆକର୍ଷଣ ହେଉଛି ମାଟିହାଣ୍ଡିରେ ପ୍ରସ୍ତୁତ ନଉକା ଭେଳା। ପର୍ଯ୍ୟଟକମାନେ ଏହି ଭେଳାରେ ବସି ହ୍ରଦରେ ମଜା ଉଠାନ୍ତି, ମାତ୍ର ଦୁଃଖର କଥା ଏହି ଭେଳାରେ ୨ ଥର ଦୁର୍ଘଟଣା ଘଟି ସାରିଲାଣି। ମାତ୍ର ଗ୍ରାମବାସୀଙ୍କ ସହଯୋଗରେ କାହାରି କିଛି କ୍ଷତି ହୋଇନାହିଁ। ହଜାର ହଜାର ଲୋକେ ବୁଲିବାକୁ ଆସୁଥିବା ଏହି କୁମ୍ଭକ୍ଷେତ୍ରକୁ ପ୍ରଶାସନର ନଜର ନାହିଁ। ନବବର୍ଷ ଦିନ ଭେଳାରେ ବୁଲୁଥିବା ସମୟରେ ତାହା ବୁଡ଼ିଯାଇଥିଲା। ଉପସ୍ଥିତ ଗ୍ରାମବାସୀଙ୍କ ସହେଯାଗରେ ପର୍ଯ୍ୟଟକମାନେ ନିଜ ଜୀବନ ଫେରି ପାଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ କୁମ୍ଭକ୍ଷେତ୍ରରେ ଅନୁଧ୍ୟାନ କରୁଛନ୍ତି। ସମ୍ପୂର୍ଣ୍ଣ ସୁରକ୍ଷାର ବ୍ୟବସ୍ଥା କରିବା ପାଇଁ ଜନ ସାଧାରଣରେ ଅଭିଯୋଗ ହେଉଛି।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ଉଦ୍‌ଘାଟିତ

**ନୀଳଗିରି ୨।୧(ସମିସ):** ନୀଳଗିରି ବ୍ଲକ ଅନ୍ତର୍ଗତ ଧୋବଶିଳା ଏବଂ କେ.ପି ଲାଖରାଜ ପଞ୍ଚାୟତ ଠାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଶୁଭ ଉଦଘାଟନ ହୋଇଯାଇଛି ଓ ପ୍ରଥମେ ଧୋବଶିଳାଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ହୋଇଅଛି। ସାଂସଦ ଉପସ୍ଥିତ ଲୋକମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏହି ବିକଶିତ ଭାରତ ଗାଡି ସବୁ ପଞ୍ଚାୟତକୁ ଯିବ। ଏହି କ୍ରମରେ ଆଜି ସକାଳେ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତରେ ଏବଂ ଅପରାହ୍ନରେ କେ. ପି.ଲାଖରାଜ ପଞ୍ଚାୟତରେ ବିକଶିତ ଭାରତ ଯାତ୍ରା ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମକୁ ଦୁଇ ପଞ୍ଚାୟତର ପିଇଓ., ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ତାପସ ମହାନ୍ତି, ଦେବାଶିଷ ଆଚାର୍ଯ୍ୟ, ପ୍ରଦୀପ ସ, ବିଘ୍ନେଶ୍ୱର ଦାସ, ଦୁର୍ଗାପ୍ରସାଦ ମହାନ୍ତି, ବାବୁ ସ, ସୁରେନ୍ଦ୍ର ସିଂ ପ୍ରମୁଖ ସହଯୋଗ କରିଥିଲେ।



**ଜାହିର ଗଡ଼ିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ଜାରକା ଏଫ୍‌ସି ଦଳ ଚାମ୍ପିଅନ



**ବଳରାମପୁର, ୨।୧(ସମିସ):**

ବଳରାମପୁର ପଞ୍ଚାୟତ କାଳନ୍ଦା ଗ୍ରାମରେ ଜାହିର ଗଡ଼ିଆ କ୍ଲବ ତରଫରୁ ଫୁଟବଲ ଖେଳ ଶେଷ ହୋଇଛି। ଏଥିରେ ୧୬ଟି ଟିମ ଭରାଗ ନେଇଥିଲେ। ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ସମାଜସେବୀ ସୁବାସିନୀ ଜେନା, ବ୍ଲକ ସଭାପତି ଗୋବିନ୍ଦ ଦାସ, ଜିଲ୍ଲା ପରିଷଦ ନିଶାକର ସେଠି, ବେଣୁଧର ଜେନା, ବ୍ଲକ ସଦସ୍ୟ ମୀନକେତନ ଦାସ ମହାପାତ୍ର, ପୂର୍ବତନ ସରପଞ୍ଚ କ୍ରୀତନ ଧଳ, ଅବସର କ୍ରିକେଟ ଖେଳାଳି ପ୍ରମୋଦ ସେନାପତି, ସୁମନ୍ତ ଗିରି, ଗ୍ରା ମର ମୁଖିଆ ଦୈତାରୀ ନାୟକ, ସଂଜୀବ ଗିରି, ମୋହନ ଦେ, ବିରେନ ମାଝୀଙ୍କ ଉପସ୍ଥିତିରେ ଏହି ଟ୍ରଫି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜାହିର ଗଡିଆ କ୍ଲବର ସଭାପତି ସୁମନ୍ତ ବେସ୍ରା, ସମ୍ପାଦକ ରୂପାୟ ଟୁଡୁ ଓ ଗୁରୁଭା ବେସ୍ରାଙ୍କ ସହିତ ୫୦ ସଦସ୍ୟଙ୍କ ପରିଶ୍ରମ ବୃଥା ନଯିବା ପାଇଁ ଚାରିଲକ୍ଷ ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀ ଦେଇଥିବା ମଞ୍ଚାସୀନ ଗଣ କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିଜେତା ଦଳକୁ ୩୦ ହଜାର, ଉପ ବିଜେତା ଦଳକୁ ୨୦ ହଜାର ଓ ସେମି ଫାଇନାଲ ଖେଳିଥିବା ଦଳକୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜେଜିଏଫସି ଓ ଜାରକା ଏଫସି ମୟୁରଭଞ୍ଜ ଦଳ ମଧ୍ୟରେ ଫୁଟବଲ ଫାଇନାଲ ଖେଳ ହୋଇଥିଲା। ଜାରକା ଏଫସି ଦଳ ବିଜେତା ହୋଇଥିଲେ। ବିଜେତା ଦଳକୁ ମୁଖ୍ୟ ଅତିଥି ସୁବାସିନୀ ଜେନା ଟ୍ରଫି ସହିତ ୩୦ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଗୋବିନ୍ଦ ଦାସ ଟ୍ରଫି ସହିତ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ ।

# ଗରିବ ପରିବାରକୁ କମ୍ବଳ ବଣ୍ଟନ



**ଚନ୍ଦନେଶ୍ୱର, ୨।୧(ସମିସ):** ଭୋଗରାଇ ବ୍ଲକ ଟୁକୁରୀହାଜିରା ପଞ୍ଚାୟତ ଅନ୍ତର୍ଗତ ରଣକୋଠା ଗ୍ରାମ ୟଙ୍ଗ୍ ଷ୍ଟାର କ୍ଲବ ତରଫରୁ ଆଜି ଅନ୍ନ ମହୋତ୍ସବ ସହିତ ଦରିଦ୍ର ପରିବାରକୁ କମ୍ବଳ ବଣ୍ଟନ କରାଯାଇଛି। କ୍ଲବର ସଭାପତି ଦିଲ୍ଲୀପ ବେହେରାଙ୍କ ଦ୍ୱାରା ଆୟୋଜିତ ସଭାରେ ଟୁକୁରୀହାଜିରା ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁ ସଞ୍ଚାଳନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ମୁଖ୍ୟ ବକ୍ତା ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତ ସମିତି ସଦସ୍ୟ ବିଶ୍ୱନାଥ ଗିରି, ସମ୍ମାନିତ ଅତିଥି ପଞ୍ଚାୟତର ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରାମାଣିକ ପ୍ରମୁଖ ଯୋଗଦେଇ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ଜନହିତୈସୀ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ୟଙ୍ଗଷ୍ଟାର କ୍ଲବ ତରଫରୁ ଟୁକୁରୀହାଜିରା ଓ କାନ୍ଥିଭଉଁରୀ ପଞ୍ଚାୟତର ଅତି ଦରିଦ୍ର ୧୮୦ ଜଣକୁ କମ୍ବଳ ବଣ୍ଟନ କରାଯାଇଛି। କ୍ଲବର ସଭାପତି ଦିଲ୍ଲୀପ ବେହେରା, ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକ ଇଶ୍ୱର କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ କ୍ଲବର ସକ୍ରିୟ ସଦସ୍ୟ ଆଶିଷ ମଲ୍ଲିକ, ଜ୍ୟୋତିର୍ମୟ ପଟ୍ଟାୟତ, ତପନ ପଟ୍ଟାୟତ, ସୁବାସ ମଲ୍ଲିକ, ସୁଜୟ ପଟ୍ଟାୟତ, କିରଣମୟୀ ପଟ୍ଟାୟତ ପ୍ରମୁଖ ସହଯୋଗ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ବଳରାମପୁର, ୨।୧(ସମିସ):** ଘଣ୍ଟୁଆ ପଞ୍ଚାୟତ ଧରମଦୁଆର ଗ୍ରାମର ଆନନ୍ଦ ବଜାର ଛକରେ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ସାଧୁଚରଣ ମାସନ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପ୍ରସାଦ ସାହୁ, ଦନାର୍ଦ୍ଦନ ଅଣ୍ଡିଆ, ଭଜହରୀ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପାଠୀ, ଡ. ବେଣୁଧର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ନାଥ ନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

## ବାବା ଭୂଷଣ୍ଡେଶ୍ୱର ଫିଡ୍ ଡିଲର ଏସୋସିଏସନରୁ ସ୍ମୃତିଚାରଣ ସଭା

ଚନ୍ଦନେଶ୍ୱର, ୨।୧୨(ସମିସ) ଭୋଗରାଇ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ନେଗୁଁଆ ଛକ ନିକଟ ଗାୟତ୍ରୀ ପେଟ୍ରୋଲ ପମ୍ପ ପରିସରରେ ଆଜି ବାବା ଭୂଷଣ୍ଡେଶ୍ୱର ଫିଡ ଡିଲର ଏସୋସିଏସନ ତରଫରୁ ଜଣେ ସଫଳ ଚାଷୀ, ଫିଡ ବ୍ୟବସାୟୀ ତଥା ସମାଜସେବୀ ହରିଶ ଡଗରାଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ସଂଘର ସଭାପତି ବାଦଲ ସେନାପତି ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ଉମାକାନ୍ତ ବେହେରା, କମଳାକାନ୍ତ ସାହୁ, ସୁଶାନ୍ତ ସେନାପତି, ରାଧାକୃଷ୍ଣ ଜେନା, ହେମନ୍ତ ଜେନା, ରବିନ୍ଦ୍ର ଜେନା, ମାନସ ଗିରି, ବେଣୁ ରଣଜିତ, ଚନ୍ଦ୍ରଶେଖର ଗିରି, ମାଧବ ପ୍ରଧାନ ସମେତ ସାମ୍ବାଦିକ ଅନନ୍ତ ପ୍ରଧାନ, ରାଧାକାନ୍ତ ପ୍ରଧାନ, ଶିଶିର କୁମାର ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିବା ସହିତ ପପୁ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରି ଟ୍ରକ୍ ମାଲିକ ସଂଘର ମହାନତା

**ନୀଳଗିରି, ୨।୧(ସମିସ):** ନୀଳଗିରି ଟ୍ରକ୍ ମାଲିକ ସଂଘ ପକ୍ଷରୁ କ୍ୟାନସର ପୀଡ଼ିତା ଜଣେ ଯୁବତୀଙ୍କୁ ସହ୍ୟାତା କରିଛନ୍ତି। ଯୁବତୀଙ୍କ ଦୁଃଖ ସହି ନ ପାରି ପୀଡ଼ିତାଙ୍କ ପରିବାରକୁ ଖାଦ୍ୟ ସାମଗ୍ରୀ ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ପ୍ରାୟ ୧ବର୍ଷ ଧରି ଚିମିନି ଭାଟିର ମିନତୀ ବେହେରା କ୍ୟାନସର ରୋଗରେ ପୀଡ଼ିତ। ନୀଳଗିରି ଟ୍ରକ ସଂଘର ସଭାପତି ଶିଶିର ରାଉତ ପୂର୍ବରୁ ତାଙ୍କୁ ସହଯୋଗ କରିଥିଲେ।

## ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ



**ଖନ୍ତାପଡ଼ା, ୨।୧(ସମିସ):** ବାହାନଗା ବ୍ଲକ ପଥରପେଣ୍ଠ ସରପଞ୍ଚ ଉର୍ମିଳା ପାଣ୍ଡିଆ କେତେକ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ବଗଲପୁର ଗ୍ରାମରେ ଥିବା ତାରିଣୀ ମନ୍ଦିର ନିକଟରେ ୭୦ରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ସେ କମ୍ବଳ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଶ୍ରୀଧର ମହାନ୍ତି, ପ୍ରଫୁଲ୍ଲ ସାମନ୍ତରାୟ, ମନୋଜ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକେଶ ଦାସ, ଦାମୋଦର ବେହେରା, ସଞ୍ଜୟ ବିଶ୍ୱାଳ, ବୈରାଗୀ ରାଉତ, ନରେନ୍ଦ୍ର ପ୍ରସାଦ ରାଜ, ଆଲୋକ ରାଉତ, ରମେଶ ସାହୁ, ଗଣେଶ ଖିଲାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୬ରେ '୫-ଟି' ଅଧ୍ୟକ୍ଷଙ୍କ ନୀଳଗିରି ଗସ୍ତ

**ନୀଳଗିରି, ୨।୧(ସମିସ):** '୫-ଟି' ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆସନ୍ତା ୬ ତାରିଖରେ ନୀଳଗିରି ଗସ୍ତ କରୁଛନ୍ତି। ନୀଳଗିରି ବିଜେଡିର ବରିଷ୍ଠ ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ବିଜେଡି କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଆମ୍ବିକା ଦାସ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ରଞ୍ଜିତା ସିଂ, ଗତିକୃଷ୍ଣ ନନ୍ଦ ସୁବର୍ଣ୍ଣ ସିଂ, ଏସ୍ସି ସେଲ୍ ସଭାପତି ଶରତ ଦାସ, ବରିଷ୍ଠ ନେତା ଶିଶିର ରାଉତ, ଔପଦା ପ୍ରଭାରୀ ଅମର ପଟ୍ଟନାୟକ, ରବି ନାୟକ ୧ନମ୍ବର ଜୋନ୍ ପ୍ରଭାରି ମଙ୍ଗ ମହାନ୍ତି ଓ ଅନ୍ୟାନ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ଗତ ଅଗଷ୍ଟ ମାସରେ '୫-ଟି' ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଯେଉଁ ୫୦ କୋଟି ଟଙ୍କା ନୀଳଗିରିର ଉନ୍ନତି ପାଇଁ ଦେଇଥିଲେ, ତାହାର ସମୀକ୍ଷା କରିବେ। ଏନ୍‌ଏସିର ବିକାଶ ପାଇଁ ଆଲୋଚନା କରାଯିବ ବୋଲି ଶ୍ରୀ ଖଟୁଆ ପ୍ରକାଶ କରିଥିଲେ।

# ଗୋବରଘଟାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ଜଳେଶ୍ୱର, ୨।୧(ସମିସ):**

ନବବର୍ଷ ଅବସରରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଅଗ୍ରୱାଲ ଛକରେ ଗୋବରଘଟା ଗ୍ରାମ ପଞ୍ଚାୟତ ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ-ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏକ ବିରାଟ ଶୋଭାଯାତ୍ରାରେ ଆସି ଫିତା କାଟି ଉଦ୍ଘାଟନ କରିଥିଲେ। ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲ, ବ୍ଲକ ଜୀବନ ବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ଲକ୍ଷ୍ମଣନାଥ ସମିତି ସଭ୍ୟ



ଜୀତେନ୍ଦ୍ର ନାଥ ଦାସ, ଅନନ୍ତ ଘୋଷ, ଖଗେନ୍ଦ୍ର ରଣା, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ବିଶ୍ୱଜିତ ପାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଞ୍ଚାୟତରେ ଦଳକୁ ଅଧିକ ମଜଭୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୋବରଘାଟା ପଞ୍ଚାୟତ ବିଜେଡି ସଭାପତି ସୂର୍ଯ୍ୟାନନ୍ଦ ପାଳ, ରାଜେଶ କୁମାର ଦଳାଇ, ବିଜେଡି ବ୍ଲକ ଡିଜିଟାଲ ସମ୍ପାଦକ ଗୌରାଙ୍ଗ ପାଳ, ବାଦଲ ଦଳାଇ, ଗୁନାଧର ପାଳ, ଶ୍ୟାମସୁନ୍ଦର ମିର୍ଦ୍ଧା, ସୁଚିସ୍ମିତା ଗିରି, ଝାଡ଼େଶ୍ୱର ଦତ୍ତ, ଭାଗବତ ପ୍ରଧାନ, ମଦନ ପାତ୍ର, ରାମଚନ୍ଦ୍ର ଭୁୟାଁ, ବିଷ୍ଣୁଚରଣ ପାତ୍ର, ତ୍ରିଲୋଚନ ମିର୍ଦ୍ଧା, ସୁରଞ୍ଜନ ପ୍ରଧାନ ଓ ରାଜେଶ ରାୟ ପ୍ରମୁଖ ବହୁ ବିଜୁ ଜନତା ଦଳର ବରିଷ୍ଠ ନେତୃତ୍ୱ ଓ କର୍ମୀ ଉପସ୍ଥିତ ଥିଲେ।

### ଆନ୍ତଃରାଜ୍ୟ କ୍ରିକେଟ୍ ମହାକୁମ୍ଭ ଉଦ୍‌ଘାଟିତ

## ବାଇପାଟଣା ନ୍ୟୁ ଇୟର କପ୍‌ର ରଜତ ଜୟନ୍ତୀ ପାଳନ



**ଜଳେଶ୍ୱର, ୨।୧(ସମିସ):** ଓଡ଼ିଶା -ବଙ୍ଗ ସୀମାନ୍ତ ଅଞ୍ଚଳର କ୍ରୀଡ଼ାର ପ୍ରାଣକେନ୍ଦ୍ର ବାଇପାଟଣା ସୋନାକଣିଆ ସ୍ଥିତ ପଡ଼ିଆରେ ଆନ୍ତଃରାଜ୍ୟ କ୍ରିକେଟ ମହାକୁମ୍ଭ ଉଦ୍ଘାଟିତ ହୋଇଯାଇଛି। ନ୍ୟୁଷ୍ଟାର୍ କ୍ଲବ୍ ପକ୍ଷରୁ ଆୟୋଜିତ ରଜତ ଜୟନ୍ତୀ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଏସ୍ଡିପିଓ ଦିଲ୍ଲୀପ କୁମାର ସାହୁ ଫିତାକାଟି ଉଦ୍ଘାଟନ କରିଥିଲେ। ବଙ୍ଗ ଓ ଓଡ଼ିଶା ମୈତ୍ରୀର ମିଳନ ସ୍ଥଳରେ ଏପରି ବିଶାଳ କ୍ରୀଡ଼ା ଆୟୋଜନକୁ ଶ୍ରୀ ସାହୁ ପ୍ରଶଂସା କରିଥିଲେ। ବର୍ଣ୍ଣାଢ଼୍ୟ ସାଜସଜାରେ ଆୟୋଜିତ ୩ ଦିନିଆ ଟେନିସ ବଲ୍ କ୍ରିକେଟ ମହାସଂଗ୍ରାମରେ ଓଡ଼ିଆ ଓ ପଶ୍ଚିମବଙ୍ଗର ନାମିଦାମୀ ୮ଟି ଦଳ ଅଂଶଗ୍ରହଣ କରିବା ସହ ଜାତୀୟସ୍ତରର ଖେଳାଳି ପ୍ରତିନିଧିତ୍ୱ କରୁଛନ୍ତି। ମଙ୍ଗଳବାର ବାଇପାଟଣା ବିଦ୍ୟାସାଗର ହାଇସ୍କୁଲ ସମ୍ମୁଖ ଖେଳ ପଡ଼ିଆରେ ଆୟୋଜିତ ଉଦ୍ଘାଟନୀ ସଭାକୁ କ୍ଲବର ସଭାପତି ଶୁଭଙ୍କର ଜେନା ସଞ୍ଚାଳନ କରିଥିଲେ। ଟୁର୍ଣ୍ଣାମେଣ୍ଟର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଖେଳପ୍ରେମୀ ତଥା କ୍ଲବର ବରିଷ୍ଠ ସଦସ୍ୟ ଦିବଂଗତ ତାପସ ଦେଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ଏବଂ ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଉଦ୍ଘାଟନୀ ଉତ୍ସବର ସମ୍ମାନିତ ଅତିଥି ଭାବେ ଅଞ୍ଜଳପ୍ରଧାନ, ଅଭିଜିତ ଦୁଆ, ସୁଶାନ୍ତ ଘୋଷ, ସମାଜସେବୀ ଚିନ୍ମୟ ଘୋଷ, ସୀମାନ୍ତ ରତ୍ନ, ପ୍ରଫେସର ଇଂ ରତ୍ନାକର ରାୟ, ଗ୍ରାମ୍ୟ ମୁଖ୍ୟ ଅବନୀ ଘୋଷ, ଗୋବରଘାଟା ପଞ୍ଚାୟତ ସରପଞ୍ଚ ମିନତି କର, ଶୀତଲ୍ ରଣା, ବେଣୁଧର ଘୋଷ, ରାମଚନ୍ଦ୍ର ସେଣ, ସାମ୍ବାଦିକ ଦୁର୍ଗାଶଙ୍କର ଗିରି, ଅମୂଲ୍ୟରତନ ଗିରି ପ୍ରମୁଖଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବେଶ ମୂଲ୍ୟ ୨୦ ହଜାର ଟଙ୍କା ଥିବାବେଳେ ଟି୨୦ ଫର୍ମାଟରେ ଆଇସିସି ନିୟମ ଅନୁସାରେ ୧୦ ଓଭର ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁରସ୍କାର ବାବଦକୁ ବିଜେତା ଦଳକୁ ୧ ଲକ୍ଷ ୫୧ ହଜାର ୨୫ ଟଙ୍କା ଓ ଉପବିଜେତା ଦଳକୁ ୧ଲକ୍ଷ ୧ ହଜାର ୨୫ ଟଙ୍କାର ଅର୍ଥ ରାଶି ସହିତ ବିଶାଳ ଟ୍ରଫି ପ୍ରଦାନ କରାଯିବ। କ୍ଲବ ପକ୍ଷରୁ ପ୍ରସନ୍ନିତ ଦତ୍ତ, ଶ୍ରୀକାନ୍ତ ବେହେରା, ଅମିତ୍ ପାତ୍ର, ମୁକ୍ତିକାନ୍ତ ଦଳାଇ, ନନ୍ଦନ ଗିରି, ବିଶ୍ୱଜିତ ପାଳ, ବିଷ୍ଣୁ ପାତ୍ର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ରବି ଶଙ୍କର ଦାସ, ପଲ୍ଲବ ସ୍ୱାଇଁ, ରାମ ଶଙ୍କର, ସମ୍ପାଦକ ଆବିର ଘୋଷ, ସୋଭନ ମାଇତି, ଦେବଜ୍ୟୋତି ଗିରି, ଅର୍ପଣ ପାଳ, ଅଭିଜିତ ଦାସ, ଅମିତ୍ ଘୋଷ ପ୍ରମୁଖ ସଦସ୍ୟ ଖେଳ ପରିଚାଳନା କରିଥିଲେ। ଉଦ୍ଘାଟନି ମ୍ୟାଚ୍ରେ ଓଡ଼ିଶା ସମ୍ବଲପୁର ଜିଲ୍ଲାର ଏନ୍‌ଏମ୍ସି ଓ ମେଦିନୀପୁର ଜିଲ୍ଲାର ଚୁଆଡ଼ଙ୍ଗା ଏନ୍ସିଆରଏସ୍ ଦଳ ପରସ୍ପରକୁ ଭେଟିଥିଲେ। ଆୟୋଜିତ ପ୍ରତିଯୋଗିତାରେ ଓଡ଼ିଶା ବଙ୍ଗଳା ସମେତ ଝାଡ଼ଖଣ୍ଡ, ବିହାର, ଜାମ୍ମୁକାଶ୍ମୀର ରାଜ୍ୟର ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରିବେ। ଆସନ୍ତା ଗୁରୁବାର ନ୍ୟୁ ଇୟର କପ୍ର ଫାଇନାଲ ମ୍ୟାଚ୍ ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଜଗନ୍ନାଥ ମନ୍ଦିର ପ୍ରସାଦ ଘରେ ପଡ଼ିଲା ତାଲା

● ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଜରୁରୀ

**ସିମୁଳିଆ, ୨।୧(ସମିସ)-** ଦିଗୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଓ ଅସ୍ଥାୟୀ କମିଟି ମଧ୍ୟରେ କଳି ଯୋଗୁଁ ମନ୍ଦିର ପ୍ରସାଦ ଘର ଓ କୋଠଭୋଗ ଗୃହରେ ତାଲା ପଡ଼ି ମନ୍ଦିର ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଅଣ୍ଡରାଇ ପଞ୍ଚାୟତର ଦିଗୀଠାରେ ୨୦୧୦ ମସିହାରେ ଭବ୍ୟ ଜଗନ୍ନାଥ ମନ୍ଦିର ଶୁଭେନ୍ଦୁ ସାମଲଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତି ସମୟରେ ମନ୍ଦିରର ପରିସର କାୟା ବିସ୍ତାର କରିବା ସହ ଜମିଜମା ବିବାଦ ଓ ମନ୍ଦିରର ଆୟ ଅର୍ଥ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଲା। ଅସନ୍ତୋଷ ଏତେ ତୀବ୍ର ହେଲା ଏମିତିକି କୋର୍ଟ କଚେରୀର ଦ୍ୱାରସ୍ଥ ହେବାକୁ ପଡ଼ିଲା। ଶ୍ରୀ ସାମଲ ଏ ବାବଦରେ ଭିନ୍ନ ଭିନ୍ନ ସମୟରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାର ସୁଫଳ ମିଳି ନ ଥିବା ଦେଖିବାକୁ ମିଳିଛି। ଶେଷରେ ୨୦୨୩ ମସିହା ମେ'ରେ ବିଧାୟକଙ୍କ ଉପସ୍ଥିତିରେ ଏକ ମନ୍ଦିରର ଅସ୍ଥାୟୀ ପରିଚାଳନା କମିଟି ଗଠନ ହୋଇଥିଲା। କମିଟି ଗଠନ ହେବା ପରେ ମଧ୍ୟ ବିଭିନ୍ନ କଥାକୁ ନେଇ ସିମୁଳିଆ ଥାନାରେ ୪ରୁ ଅଧିକ ଉଭୟ ପକ୍ଷ ଭିନ୍ନ ଭିନ୍ନ ଅଭିଯୋଗ କରିଥିବା ଜଣାଯାଇଛି। ମନ୍ଦିର ପ୍ରତିଷ୍ଠାତା ମନ୍ଦିରକୁ ନିଜକୁ ଉତ୍ତରାଧିକାରୀ ଭାବେ ଦାବିକରି ଆସୁଥିବା ବେଳେ ପରିଚାଳନା କମିଟିର ଅଧିକାଂଶ ସଭ୍ୟ ନିଜର ଜମିଦାନ କରିଥିବା ନେଇ ଜିଦରେ ଅଟଳ ରହିଛନ୍ତି। ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କ ତରଫରୁ ମନ୍ଦିର କାର୍ଯ୍ୟ ନିମନ୍ତେ ବିଧାୟକଙ୍କ ଦ୍ୱାରା ଏକ ଶୁଭ ଶିଳାନ୍ୟାସ କରାଯାଇଥିଲା। ନୂତନ ବର୍ଷ ଠିକ୍ ପୂର୍ବରୁ ଏହି କାର୍ଯ୍ୟ କରିବାକୁ ନେଇ ପ୍ରତିଷ୍ଠାତା ଓ ପରିଚାଳନା କମିଟି ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ପ୍ରତିଷ୍ଠାତା ଶ୍ରୀ ସାମଲ ନିଜ ସମର୍ଥକଙ୍କ ସହ ମନ୍ଦିର କୋଠ ଭୋଗ ଓ ପ୍ରସାଦ ଗୃହରେ ତାଲା ପକାଇ ଦେଇଥିଲେ। ଯାହାଫଳରେ ବହୁ ଦୂରଦୂରାନ୍ତରେ ଆସିଥିବା ଶ୍ରଦ୍ଧାଳୁ ଓ ଭକ୍ତ ହଇରାଣ ହୋଇଥିଲେ। ଏ ସଂକ୍ରାନ୍ତରେ କୋଠଭୋଗ ଦାୟିତ୍ୱରେ ଥିବା ମାୟାଧର ପାଣିଗ୍ରାହୀ ପ୍ରତିଷ୍ଠାତା ଶ୍ରୀ ସାମଲ ସମେତ ୭ଜଣଙ୍କ ନାମରେ ସିମୁଳିଆ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ତେବେ ବହୁ ବାଦବିବାଦ ପରେ ଅପରାହ୍ନରେ ପରିଚାଳନା କମିଟି ପକ୍ଷରୁ କୋଠଭୋଗ ଓ ପ୍ରସାଦ ଗୃହ ଖୋଲାଯାଇଥିଲା। ଖବର ପାଇ ସିମୁଳିଆ ପୁଲିସ ଘଟଣାସ୍ଥଳରେ ଶାନ୍ତିଶୃଙ୍ଖଳା ନିମନ୍ତେ ପୁଲିସ ମୃତୟନ କରି ସ୍ଥିତି ଅନୁଧ୍ୟାନ କରୁଥିବା ଜଣାଯାଇଛି। ଆଗାମୀ ଦିନରେ ଉଭୟ ପକ୍ଷଙ୍କ ମଧ୍ୟରେ ଏଭଳି ଭୟାନକ ପରିସ୍ଥିତି ସୃଷ୍ଟି ହେବା ଆଗରୁ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ନିତାନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସିମୁଳିଆ, ୨।୧(ସମିସ):** ସିମୁଳିଆ ବ୍ଲକ ବାଲିଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବପିଢ଼ିଙ୍କ ଭିତରେ କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ସେବା କାର୍ଯ୍ୟର ଭାବଧାରା ଉଦ୍ରେକ କରି ଯୁବଶକ୍ତିକୁ ଆଗକୁ ଆଗେଇନେବା ଉଦ୍ଦେଶ୍ୟରେ ନୂଆ-ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶିବଚରଣ ଖାମୁରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତା ମୁଖ୍ୟବକ୍ତା ଭାବେ ବାଲିଖଣ୍ଡ ଡିଗ୍ରୀ କଲେଜର ଅଧ୍ୟକ୍ଷ ବସନ୍ତ କୁମାର ବେହେରା ଯୋଗଦେଇଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅଧ୍ୟାପକ ଅନିଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ସହ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ମାଗାଜିନ ବାଲି ତରଙ୍ଗ ଶୁଭ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ।



## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ରୂପସା, ୨।୧(ସମିସ):** ରୂପସା ଥାନା ଅନ୍ତର୍ଗତ ରୂପସା -ବୈଶିଙ୍ଗା ରାସ୍ତାର ହୀରାପୁର ହାଇସ୍କୁଲ ନିକଟରେ ସୋମବାର ଏକ ପିକ ଅପ ଭ୍ୟାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବୈଶିଙ୍ଗା ଥାନା ବାମଡା ଗ୍ରାମର ରବୀନ୍ଦ୍ର ଧଳଙ୍କ ପୁଅ ରାକେଶ କୁମାର ଧଳ (୨୪)। ରାକେଶ ବାଇକ୍ ଯୋଗେ ରୂପସା ହାଟକୁ ଯାଉଥିଲେ। ସାମ୍ନା ପଟୁ ବୈଶିଙ୍ଗା ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ପିକଅପ ଭାରସାମ୍ୟ ହରାଇ ବାଇକକୁ ଧକ୍କାଦେଇ ଚମ୍ପଟ ମାରିଥିଲା। ଆହତ ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ନଂ ୩/୨୪ ରୁଜୁ କରି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଗତବର୍ଷ ଉକ୍ତ ସ୍ଥାନରେ ବାଇକ୍ ଦୁର୍ଘଟଣାରେ ରାକେଶଙ୍କ ମଝିଆ ଭାଇ ମଧ୍ୟ ମୃତ୍ୟୁବରଣ କରିଥିଲେ।

### ମାତିଛନ୍ତି ବାଲି ମାଫିଆ

# ପଶ୍ଚିମବଙ୍ଗକୁ ବାଲି ଚୋରାଚାଲାଣ

● ଖଣି ବିଭାଗ ନିଦାବିଷ୍ଟ, ରାଜସ୍ୱ ହରାଉଛନ୍ତି ସରକାର

● ସୁବର୍ଣ୍ଣରେଖାରୁ ଚାଲିଛି ବେଧଡ଼କ ବାଲି ଉତ୍ତୋଳନ

**ଭୋଗରାଇ, ୨।୧(ସମିସ):**

ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲ ଅଞ୍ଚଳରେ ମାତିଛନ୍ତି ବାଲି ମାଫିଆ। ଉପାନ୍ତ ଅଞ୍ଚଳର ବାଲି ଆଡ଼ିଆଠାରୁ ଆରମ୍ଭ କରି ସୁବର୍ଣ୍ଣରେଖା ନଦୀ ପର୍ଯ୍ୟନ୍ତ ସବୁଠି ଚାଲିଛି ବାଲି ମାଫିଆଙ୍କ ରାଜୁତି। ରାତିତମାମ ଟ୍ରାକ୍ଟର ଓ ଡମ୍ପର ଯୋଗେ ପଶ୍ଚିମବଙ୍ଗକୁ ବାଲି ଚୋରାଚାଲାଣ ହେଉଛି। ଏହାକୁ ରୋକିବାରେ ଖଣି ବିଭାଗ ବିଫଳ ହୋଇଛି। ଅନ୍ୟପକ୍ଷରେ ପ୍ରତିବାଦ କଲେ ସ୍ଥାନୀୟ ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବାଲି ମାଫିଆ। ବିଶେଷ ଭାବେ ଦକ୍ଷିଣ ଭୋଗରାଇର ଉପାନ୍ତ ଅଞ୍ଚଳରେ ଥିବା ଶହ ଶହ ହେକ୍ଟର ପାହାଡ଼ ସଦୃଶ ସରକାରୀ ବାଲି ଆଡ଼ିଆ ଏବେ ସଫାହେବା ସହ ଗଭୀର ପୋଖରୀରେ ପରିଣତ ହେଲାଣି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀରୁ ବାଲି ଖୋଳି ଡଙ୍ଗାରେ ବୋହି ଆଣି ରାତିତମାମ ଟ୍ରାକ୍ଟର ଯୋଗେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ରାଜ୍ୟ ସରକାର ଲଘୁ ଖଣିଜ ଦ୍ରବ୍ୟର ସୁରକ୍ଷା ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର କରିବା ପରେ ବାଲି ମାଫିଆମାନେ ଅଧିକ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। ପୁଲିସ, ପ୍ରଶାସନ ଓ ପରିବହନ ବିଭାଗର ଜାଣତରେ କେବଳ କୃଷି କାର୍ଯ୍ୟରେ ବ୍ୟବହାର ହେବାକୁ ଥିବା ଟ୍ରାକ୍ଟର ସହିତ ବୈଧ କାଗଜପତ୍ର ନଥିବା ଶତାଧିକ ନମ୍ବର ବିହୀନ ଟ୍ରାକ୍ଟର ଏହି ବାଲି ଚୋରା ଚାଲାଣରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ପ୍ରକାଶ ଯେ, ଭୋଗରାଇ ବ୍ଲକ ଅନ୍ତର୍ଗତ ଅନଳିଆ, ଦେଉଳା, ଦେହୁର୍ଦ୍ଦା, ଜଳେଶ୍ୱରପୁର, କୁମ୍ଭାରମୁଳି, ଗୁନେଇବସାଣ, ବାରବାଟିଆ, କାଛିଉଡ଼ାଁରୀ, ଶଙ୍ଖାରୀ, ଗୋଛିଦାଡେଘରୀ, ହୁଗୁଳି, ବାଜିତପୁର, ସାହାବାଜିପୁର, ଜଳସୋହରିଆ ଆଦି ପଞ୍ଚାୟତ ଗୁଡ଼ିକରେ କାହିଁ କେଉଁ କାଳରୁ ପ୍ରକୃତି ମାଆ ଦାନରେ ସୃଷ୍ଟି ହୋଇଥିଲା ଶହ ଶହ ହେକ୍ଟର ପାହାଡ଼ ସଦୃଶ ସୁଉଚ୍ଚ ବାଲି ଆଡ଼ିଆ। ଭୋଗରାଇ ଅଞ୍ଚଳର ବାଲି ମାଫିଆମାନେ ସରକାରୀ ଖାତାରେ ଥିବା ଏହି ସମସ୍ତ ସୁଉଚ୍ଚ ବାଲି ଆଡ଼ିଆକୁ ଖୋଳି ସଫା କରିସାରିଲେଣି। ଟ୍ରାକ୍ଟର ପିଛା ୧୨ ଶହରୁ ୧୫ ଶହ ଟଙ୍କା ମୂଲ୍ୟରେ ବାଲି ମାଫିଆମାନେ ପଶ୍ଚିମବଙ୍ଗକୁ ବାଲି ଚୋରାଚାଲାଣ କରୁଥିବା ଜଣାପଡ଼ିଛି। ସ୍ଥାନୀୟ ପୁଲିସ, ରାଜସ୍ୱ ବିଭାଗ ଓ ପରିବହନ ବିଭାଗ ଅଧିକାରୀଙ୍କ ଜାଣତରେ ଖୁଲମଖୁଲା ବେଆଇନ ଭାବେ ଟ୍ରାକ୍ଟର ଗୁଡ଼ିକ ବାଲି ଚୋରାଚାଲାଣ ହେଉଛି। ନଦୀ ଓ ଆଡ଼ିଆ ବାଲି ଭଳି ଲଘୁ ଖଣିଜ ଦ୍ରବ୍ୟର ସୁରକ୍ଷା ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର ପରେ ଚୋରା ଚାଲାଣରେ ଲିପ୍ତଥିବା ବାଲି ମାଫିଆମାନେ ଅଧିକ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। ଭୋଗରାଇରେ ଖଣି ବିଭାଗର କୌଣସି କାର୍ଯ୍ୟାଳୟ ନଥିଲା ବେଳେ କୌଣସି ଅଧିକାରୀ ଓ କର୍ମଚାରୀଙ୍କ ଅନୁପସ୍ଥିତି ବାଲି ମାଫିଆଙ୍କୁ ଅଧିକ ପ୍ରୋତ୍ସାହିତ କରିଛି। ଏହାସହିତ ଦିନକୁ ଦିନ ନୂଆ ନୂଆ ବାଲି ମାଫିଆଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସ୍ଥାନୀୟ ଗ୍ରାମବାସୀ ବାଲି ମାଫିଆଙ୍କ ସହିତ ଯୋଡିହେବା ଫଳରେ ଏହି ବାଲି ଚୋରାଚାଲାଣ ଖୁଲମଖୁଲା ଚାଲିଛି। ଫଳରେ ଶହ ଶହ ବର୍ଷର ପାହାଡ଼ ସଦୃଶ ସୁଉଚ୍ଚ ବାଲି ଆଡ଼ିଆ ଏବେ ସମତଳ ଭୂମି ଓ ପୋଖରୀରେ ପରିଣତ ହୋଇଛି। ଜିଲ୍ଲାପାଳଙ୍କ ଠାରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ପ୍ରତି ବାଲି ମାଫିଆଙ୍କ ପକ୍ଷରୁ ବିପଦ ଦେଖାଦେଇଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀ ଏବେ ମାଫିଆଙ୍କ କବଳରେ ରହିଛି। ଭୋଗରାଇ ତହସିଲ ଅଞ୍ଚଳରେ ସରକାରୀ ବାଲି ସୈରାତ ନଥିଲା ବେଳେ ବାଲିଆପାଳ ତହସିଲ ଅନ୍ତର୍ଗତ ଜାମକୁଣ୍ଡା ନିକଟବର୍ତ୍ତୀ ସୁବର୍ଣ୍ଣରେଖା ନଦୀ ପଠା ଓ ଭୋଗରାଇ ତହସିଲ ଅନ୍ତର୍ଗତ କୁହ୍ଲା, କୁମ୍ଭୀରଗଡ଼ି, ଖଳାବାଡିଆ ଆଦି ଗାଁ ନିକଟବର୍ତ୍ତୀ ନଦୀ ପଠା ଓ ନଦୀଜଳ ଭିତରୁ ଭୋଗରାଇ ବ୍ଲକ ଅଞ୍ଚଳର ବାଲି ମାଫିଆମାନେ ବ୍ୟାପକ ପରିମାଣର ବାଲି ଖୋଳି ଯନ୍ତ୍ରଚାଳିତ ଡଙ୍ଗା ଯୋଗେ ବୋହି ଆଣି ଭୋଗରାଇ ଲକଗେଟ ନିକଟବର୍ତ୍ତୀ ଜଳସମ୍ପଦ ବିଭାଗ ଜମିରେ ଗଚ୍ଛିତ ରଖିବା ସହ ଟ୍ରାକ୍ଟର ଓ ଡମ୍ପର ଯୋଗେ ରାତାରାତି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଛନ୍ତି। ଏହି ଅସାଧୁ ବେପାରରେ ଦୁଇ ଶହରୁ ଉର୍ଦ୍ଧ୍ୱ ଯନ୍ତ୍ରଚାଳିତ ଡଙ୍ଗା ନିୟୋଜିତ ହୋଇଛି। ପୂର୍ବରୁ ବେଧଡ଼କ ଭାବେ ଦିନରାତି ଏହି ଅସାଧୁ ବ୍ୟବସାୟ ଚାଲିଥିଲା। ତେବେ ବାରମ୍ବାର ଗଣମାଧ୍ୟମରେ ଏହି ଘଟଣା ପ୍ରକାଶିତ ହେବା ପରେ ତତ୍କାଳୀନ ତହସିଲଦାର କମଳାକାନ୍ତ ପଣ୍ଡା, ତତ୍କାଳୀନ ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ତତ୍କାଳୀନ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ପ୍ରମୁଖ ବିଭିନ୍ନ ସମୟରେ ଚଢ଼ଉ କରି ଏହି ଅସାଧୁ ବାଲି ବ୍ୟବସାୟ ବନ୍ଦ କରି ନିୟୋଜିତ ଡଙ୍ଗା ଜବତ ଓ ମାଫିଆମାନେ ବାଲି ଗଚ୍ଛିତ ରଖୁଥିବା ଭୋଗରାଇ ଲକଗେଟ ନିକଟସ୍ଥ କ୍ୟାପିଟାଲ ବନ୍ଧ ପାର୍ଶ୍ୱ ଜଳସମ୍ପଦ ବିଭାଗ ଜମିରେ ବାଡ଼ ଘେରାଇବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଫଳରେ କିଛି ଦିନ ପାଇଁ ଏହି ବାଲି ବ୍ୟବସାୟ ବନ୍ଦ ରହିଥିଲା। ତେବେ ଲଘୁ ଖଣିଜ ଦ୍ରବ୍ୟର ସୁରକ୍ଷା ଦାୟିତ୍ୱ ଖଣି ବିଭାଗକୁ ହସ୍ତାନ୍ତର ପରେ ପୁଣି ସେହି ବାଲି ମାଫିଆ ମାନେ ସକ୍ରିୟ ହୋଇଛନ୍ତି। ସେହିପରି ମନୁନଗର, ଆରୁହାବୃତ୍ତି ଆଦି ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବାଲି ମାଫିଆମାନେ ସକ୍ରିୟ ରହିଛନ୍ତି। ଏହି ବେଆଇନ ବାଲି ଖନନ ଯୋଗୁଁ ନଦୀ ତଟବର୍ତ୍ତୀ ଗାଁ ଗୁଡିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଅସାଧୁ ଓ ଅନ୍ଧାରୀ ବାଲି ବ୍ୟବସାୟ ଉପରେ ରୋକ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

## ମୁନୀ ସମାଜ ପକ୍ଷରୁ ବନ୍ଧୁମିଳନ



**ସିମୁଳିଆ, ୨।୧(ସମିସ):** ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣୀ ମୁନୀ ସମାଜ ପକ୍ଷରୁ ଇଂରାଜୀ ନୂତନ ବର୍ଷ ଉପଲକ୍ଷେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତ ବାଲିଖଣ୍ଡରେ ନୂତନବର୍ଷ ଉପଲକ୍ଷେ ବାଲିଖଣ୍ଡ ଆଶ୍ରମ ପରିସରରେ ବନ୍ଧୁମିଳନ ହୋଇଛି। ମୁନୀ ସମାଜର ସଭାପତି ଯୋଗୀ ଜନ୍ମେଜୟ ମୁନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବଙ୍କବିହାରୀ ରାଉତ ଓ ମୁନୀରାଜ ଦେବେନ୍ଦ୍ର ଅଗସ୍ତି ଯୋଗଦେଇଥିଲେ। ସମ୍ପାଦକ ଶ୍ରୀ ରାଉତଙ୍କ ୭୧ତମ ଜନ୍ମ ଦିବସ ପାଳନ କରାଯାଇଥିଲା। ବହୁମିନୀ ଯୋଗଦେଇ ୭୧ଟି ମହମବତୀ ଜଳାଇ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ମୁନୀ ଗୋଲକ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

